## ହାଇୱା ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ସୁଭଦ୍ରାପୁରଠାରେ ଗୁରୁବାର ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ରଞ୍ଜନ ସାହୁ। ରଞ୍ଜନ ବାଇକ୍‌ରେ ଚଣ୍ଡିଖୋଲ ଆଡ଼କୁ ଆସୁଥିବାବେଳେ ହାଇୱା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳବାହାନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ପୋଲିସ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

# ଚିନ୍ତାରେ ରବି ଧାନ ଚାଷୀ

ଯାଜପୁର ଅଫିସ,୨୦।୫

- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ବାତ୍ୟା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

ସମ୍ଭାବ୍ୟ ବାତ୍ୟା ନେଇ ପ୍ରଚାର ହେବା ପରେ ରବି ଧାନ ଚାଷୀଙ୍କ ଚିନ୍ତା ବଢ଼ିଛି। ଶୁକ୍ରବାରଠାରୁ ରବି ଧାନ ସଂଗ୍ରହ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲେ ହେଁ ପ୍ୟାକ୍ସ (ପ୍ରାଥମିକ ସେବା ସମବାୟ ସମିତି) ଗୁଡ଼ିକରେ ଏଯାଏ ଆନୁଷଙ୍ଗିକ ବ୍ୟବସ୍ଥା ହୋଇନାହିଁ। ଫଳରେ ଚାଷୀ ତାଙ୍କ କଷ୍ଟୋପାର୍ଜିତ ଧାନ ବିକ୍ରି କରି ପାରିବେ କି ନାହିଁ ସେ ନେଇ ସନ୍ଦେହ ପ୍ରକାଶ ପାଇଛି।

ଚଳିତବର୍ଷ ୧୦,୨୦୦ କ୍ୱିଣ୍ଟାଲ ରବି ଧାନ ସଂଗ୍ରହ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଏଥିରେ ୭ ବ୍ଲକର ୨୩ ପ୍ୟାକ୍ସ ଓ ୭ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଭାଗ ନେଉଛନ୍ତି। ତେବେ ଅଧିକାଂଶ ଚାଷୀ ଧାନ ଅମଳ କରି ଖଳାରେ ରଖି ଟୋକନ ଅପେକ୍ଷାରେ ଅଛନ୍ତି। ଅନ୍ୟପକ୍ଷେ ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଆହୂତ ପ୍ରସ୍ତୁତି ବୈଠକରେ ରବି ଧାନ ଓ ଅନ୍ୟାନ୍ୟ ଫସଲଗୁଡ଼ିକୁ ନିରାପଦ ସ୍ଥାନକୁ ଆଣିବା ସହ କୃଷି ବିଭାଗ ସମସ୍ତ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେବାକୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ଅନୁଧ୍ୟାନ, ଆବଶ୍ୟକ ସ୍ଥଳେ ମରାମତି, ଅତ୍ୟାବଶ୍ୟକ ଦ୍ରବ୍ୟର ଉପଲବ୍ଧ, ବୋଟ୍, ଆସ୍କାଲାଇଟ ଓ ଅନ୍ୟାନ୍ୟ ସାମଗ୍ରୀର ସ୍ଥିତି ତଦାରଖ ପାଇଁ ପରାମର୍ଶ ଦିଆଯାଇଛି। ଅଗ୍ନିଶମ ବିଭାଗ ନିଜର ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଜିଲାର ୯ ବ୍ଲକ୍‌ରେ ୨୬ ବହୁମୁଖୀ ଆଶ୍ରୟ ସ୍ଥଳ ରହିଛି। ଏହି ଆଶ୍ରୟସ୍ଥଳ ପରିଷ୍କାର କରିବା, ବିଦ୍ୟୁତ୍, ପାନୀୟ ଜଳ, ଖାଦ୍ୟର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ଓ ବ୍ଲକସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା, ଆବଶ୍ୟକ ସ୍ଥଳେ ଅସ୍ଥାୟୀ ରହଣିସ୍ଥଳ ପାଇଁ ଗୁରୁତ୍ୱାରୋପ କରାଯାଇଛି। ସବୁ କ୍ଷେତ୍ରରେ କରୋନା ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍ଧାର ଓ ଥଇଥାନ କାର୍ଯ୍ୟରେ ସେଚ୍ଛାସେବୀ ସଙ୍ଗଠନ ଓ ପଞ୍ଚାୟତ ଲୋକ ପ୍ରତିନିଧିମାନେ ସହଯୋଗ କରିବେ। ଏଥିରେ ଉଭୟ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନିୟୋଜିତ କରିବା ପାଇଁ ସ୍ଥିର କରାଯାଇଛି। ଶିଶୁ, ଗର୍ଭବତୀ ମହିଳା, ଭିନ୍ନକ୍ଷମମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରାଯିବ। ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। କୌଣସି କର୍ମଚାରୀ ବିନା ଅନୁମତିରେ ସଦର ମହକୁମା ଛାଡ଼ିପାରିବେ ନାହିଁ। ଗଛ ପଡ଼ି ରାସ୍ତା ଅବରୋଧ ହେଲେ ତୁରନ୍ତ ଅପସାରଣ ସହ ବିଦ୍ୟୁତ୍ ଓ ଯୋଗାଯୋଗ ବ୍ୟବସ୍ଥାକୁ ଯଥାସମ୍ଭବ ଶୀଘ୍ର ଠିକ୍ କରିବାକୁ ପଦକ୍ଷେପ ନିଆଯିବ। ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ପାଇଁ ଜେନ୍‌ସେଟ, ଆସ୍କା ଲାଇଟର ବ୍ୟବସ୍ଥା କରାଯିବ। ସରକାର ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଇଥିବାରୁ କ୍ଷତିଗ୍ରସ୍ତ ଅଞ୍ଚଳରୁ ଯଥାଶୀଘ୍ର ଲୋକ ଓ ଜୀବଜନ୍ତୁଙ୍କୁ ନିରାପଦ ସ୍ଥାନକୁ ଅଣାଯିବାର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଉକ୍ତ ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଏସ୍‌ପି ରାହୁଲ ପି.ଆର., ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ସାଧାରଣ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଓ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଓଭରଲୋଡ଼ିଂ ବାଲି ଗାଡ଼ି ଅଟକାଇଲେ ଗ୍ରାମବାସୀ


ଓଭର ଲୋଡିଂ ଗାଡ଼ିଗୁଡ଼ିକୁ ଲୋକେ ଅଟକ ରଖିଛନ୍ତି।

ଯାଜପୁର ଅଫିସ/ପାଣିକୋଇଲି (ଡି.ଏନ.ଏ.), ୨୦।୫

- ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ
- ନଦୀବନ୍ଧ ହେଉଛି ଦୁର୍ବଳ, ଘାଇ ସୃଷ୍ଟି ସମ୍ଭାବନା

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ ଅଣାୟତ୍ତ ହୋଇଛି। ବିଶେଷକରି ବୈତରଣୀ ନଦୀର ମକୁନ୍ଦପୁର, ସାଆଁଳା, ଦୋସିଆମୁହାଁ, କଣ୍ଟାବଣିଆ, ମଧୁରାପୁର, ସାଳବା, ଲିଙ୍ଗେଶ୍ୱର, ରଣପୁର ଆଦି ବାଲିଘାଟ ଉପରେ ସରକାରଙ୍କ କୌଣସି ନୀତି ନିୟମ ନାହିଁ। କେତେଜଣ ରାଜସ୍ୱ ଅଧିକାରୀଙ୍କ ପରୋକ୍ଷ ସହଯୋଗରେ ନଦୀରୁ ମେଶିନରେ ବାଲି ଉତ୍ତୋଳନ କରାଯାଉଛି। ଭାରିଯାନରେ ଓଭରଲୋଡିଂ ବାଲି ଚାଲାଣ ପ୍ରଭାବିତ ଗ୍ରାମବାସୀଙ୍କୁ ଭୟଭୀତ କରିଛି। ଏନେଇ ସଂପୃକ୍ତ ଗ୍ରାମବାସୀ ଏକାଧିକ ଥର ରାଜସ୍ୱ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ବୁଧବାର ରାତିରେ କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଶାଳବା ଓ ସରସଦା ଗ୍ରାମବାସୀ ସାଳବା ବାଲିଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ୫ ବାଲି ବୋଝେଇ ହାଇୱାକୁ ଅଟକାଇ ଥିଲେ। ପରେ ପୋଲିସର ହସ୍ତକ୍ଷେପ ପରେ ଉକ୍ତ ଗାଡ଼ିକୁ ଛାଡ଼ି ଦିଆଯାଇଛି। ଓଭରଲୋଡିଂ ଗାଡ଼ି ଚଳାଚଳ ଯୋଗୁ ଶାଳବା ଗ୍ରାମ୍ୟ ନିର୍ମାଣ ବିଭାଗର ରାସ୍ତା ଦେଇ ସରସଦା ଗ୍ରାମରୁ ଜଳସେଚନ ବିଭାଗର ନଦୀବନ୍ଧ ରାସ୍ତା ଦୁର୍ବଳ ହେଉଛି। ବର୍ଷାଋତୁରେ ଘାଇ ସୃଷ୍ଟି ହେବା ଆଶଙ୍କା କରି ଗ୍ରାମବାସୀ ନିଜ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସରକାରୀ ଅଧିକାରୀମାନେ କୌଣସି ଅଭିଯୋଗ ନ ଶୁଣିବାରୁ ସେମାନେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଛୋଟ ଗାଡ଼ି ବା ଟ୍ରାକ୍ଟରରେ ବାଲି ଚାଲାଣକୁ ଗ୍ରାମବାସୀ ଅନୁମତି ଦେଇଥିବା ବେଳେ ଭାରିଯାନକୁ ବିରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଅଟକ ଗାଡ଼ିଗୁଡ଼ିକୁ ଗ୍ରାମବାସୀ ଛାଡ଼ି ନ ଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ସେଠାରେ କେହି ପହଞ୍ଚି ନ ଥିଲେ। ଅପରାହ୍ନରେ ଗ୍ରାମବାସୀଙ୍କ ସହ ପାଣିକୋଇଲି ଥାନା ପୋଲିସ ଆଲୋଚନା କରିବା ପରେ ଗାଡ଼ି ଗୁଡ଼ିକୁ ଛଡ଼ାଯାଇଥିଲା। କିନ୍ତୁ ଭାରିଯାନରେ ବାଲି ପରିବହନ ହେବ କି ନାହିଁ ସେ ନେଇ ପରବର୍ତ୍ତୀ ବୈଠକ ପରେ ସ୍ଥିର କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ବାଲିଘାଟରୁ ବାର୍ଷିକ ୨୫ ରୁ ୩୫ ହଜାର ଘନ ମିଟର ବାଲି ଉତ୍ତୋଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଅନୁସାରେ ଦିନକୁ ହାରାହାରି ୮୨ ଘନ ମିଟର ବାଲି ଉତ୍ତୋଳନ ହେବା କଥା। ତଦନୁସାରେ ତହସିଲ ଅଫିସର ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଟିପି(ଟ୍ରାନଜିଟ ପାସ)ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ନକଲି ଟିପିରେ ନିର୍ଦ୍ଧାରିତ ପରିମାଣଠାରୁ ୧୦ ରୁ ୧୫ ଗୁଣ ଅଧିକ ବାଲି ଉତ୍ତୋଳନ କରାଯାଉଛି। ସେହି ବାଲିକୁ ଭାରିଯାନରେ ଓଭରଲୋଡିଂ କରି ନିଆଯାଉଥିବାରୁ ନଦୀବନ୍ଧ ସହ ଗ୍ରାମ୍ୟ ରାସ୍ତା ନଷ୍ଟ ହେଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ଧର୍ମଶାଳା,୨୦।୫(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବାଘୁଆ ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ସୁକିନ୍ଦା ଥାନା କରଲାପାଳ ଅଞ୍ଚଳର ଅମୂଲ୍ୟ ଓଝା (୩୩) ବୋଲି ଜଣାପଡ଼ିଛି। ସେ ବାଇକ୍‌ରେ କୌଣସି କାମରେ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ। ବାଘୁଆ ଛକ ନିକଟରେ ଏକ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେନାପୁର ପୋଲିସ ପହଞ୍ଚି ଟ୍ରଲରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଏହାପରେ ପୋଲିସ ମୃତଦେହକୁ ଜବତ କରି ଦାନଗଦି ମେଡ଼ିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲା।

### ୫୩ ସିଏଫ୍‌ଟି ଶାଳ ଗଣ୍ଡି ଜବତ

କାଳିଆପାଣି,୨୦।୫(ଡି.ଏନ.ଏ.): ଦ୍ୱୈତାରୀ ସଂରକ୍ଷିତ ଜଙ୍ଗଲର ନାଡୁର ଫରେଷ୍ଟ ବିଟ ଅନ୍ତର୍ଗତ ନାଡୁର ଗ୍ରାମରୁ ବୁଧବାର ରାତିରେ ୫୩ ସିଏଫ୍‌ଟି ଚୋରା ଶାଳକାଠ ଗଣ୍ଡି ଓ ସାଇକେଲ ସହ ସିଲପଟ ଜବତ ହୋଇଛି। ଦ୍ୱୈତାରୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ କାଠ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ବନ ବିଭାଗ ପକ୍ଷରୁ ବହୁ ସମୟରେ ଚଢ଼ାଉ କରାଯାଉଥିଲେ ମଧ୍ୟ କାହାକୁ ଗିରଫ କରାଯାଇ ପାରୁ ନ ଥିଲା। ତେବେ ବୁଧବାର ରାତ୍ରିରେ ଶାଳକାଠ ଗଣ୍ଡି ମାଫିଆ ଆଣୁଥିବା ଖବର ପାଇ ରାଁସୋଳ ଫରେଷ୍ଟର ନରେଷ ଟୁଡୁଙ୍କ ସହ ଫରେଷ୍ଟ ଗାର୍ଡ ଗଙ୍ଗାଧର ମୁର୍ମୁ ପ୍ରମୁଖ ଚଢ଼ାଉ କରିଥିଲେ। ଫଳରେ କାଠ ଗଣ୍ଡିକୁ ଛାଡ଼ି ମାଫିଆ ଫେରାର ହୋଇ ଯାଇଥିଲେ। ସେହିପରି ସାଇକେଲରେ ସିଲପଟ କାଠ ନେଉଥିବା ବେଳେ ଖବର ପାଇ ସାଇକେଲ ଛାଡ଼ି କାଠ ମାଫିଆ ଚମ୍ପଟ ମାରିଥିଲେ। ଜବତ କାଠ ଓ ଅନ୍ୟ ସାମଗ୍ରୀକୁ ରାଁସୋଳ ଫରେଷ୍ଟ କାର୍ଯ୍ୟାଳୟକୁ ଅଣାଯାଇଛି।

### ୩ କମ୍ପ୍ରେସର, ୧ ହାଇୱା ଜବତ



ଚଢ଼େଇଧରା,୨୦।୫(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର ବେଆଇନ କଳାପଥର ଖାଦାନରେ ଗୁରୁବାର ଜେନାପୁର ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ତିନୋଟି କମ୍ପ୍ରେସର ସହ ଏକ ହାଇୱା ଜବତ କରାଯାଇଛି। ଖାଦାନରେ କାମ କରୁଥିବା କେତେଜଣ ଲୋକଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ସୂଚନାଯୋଗ୍ୟ, ଚଢ଼ାଉ କରାଯାଇଥିବା କଳାପଥର ଖାଦାନର ଏବେ ଲିଜ ବାତିଲ ହୋଇଛି। ଫଳରେ ଏହାର ଫାଇଦା ନେଇ ପାହାଡ଼ରେ ପୂର୍ବରୁ କାର୍ଯ୍ୟ କରୁଥିବା କେତେଜଣ କଳାପଥର ବ୍ୟବସାୟୀ ପଥର ଉତ୍ତୋଳନ କରୁଛନ୍ତି। ସେହିପରି ଏହି ପାହାଡ଼ରେ କେବଳ ଗୋଟିଏ ମାତ୍ର ସୈରାତ ଲିଜ ରହିଥିବା ବେଳେ ଏକାଧିକ ବେଆଇନ ଖାଦାନରୁ ପଥର ଚୋରି ଅବ୍ୟାହତ ରହିଛି। ଏ ସମ୍ପର୍କରେ ଥାନାଧିକାରୀ ସାହୁ କହିଛନ୍ତି, ଏଠାରେ ବେଆଇନ ପଥର ଖନନ ଚାଲିଥିବା ନେଇ ଖବର ମିଳିଥିଲା। ସେହି ଅନୁସାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅନ୍ୟ ଖଣିରେ କାର୍ଯ୍ୟ କରୁଥିବା ମାଫିଆ ଛତ୍ରଭଙ୍ଗ ଦେଇଛନ୍ତି। ଆଗାମୀ ଦିନରେ ସେମାନଙ୍କୁ କାବୁ କରାଯିବ।

### ବେଆଇନ ମାଙ୍କଡ଼ା ଖାଦାନରୁ ଟ୍ରକ୍, ଜେସିବି ଜବତ

ଚଣ୍ଡିଖୋଲ/ଛତିଆ,୨୦।୫(ଡି.ଏନ.ଏ.): ଦର୍ପଣ ତହସିଲ ଅନ୍ତର୍ଗତ ଅମୀୟଝରୀଠାରେ ବେଆଇନ ମାଙ୍କଡ଼ା ଖାଦାନ ଚାଲୁଥିବା ନେଇ ଅଭିଯୋଗ ହେବା ପରେ ଦର୍ପଣ ତହସିଲଦାର ପ୍ରଦୀପ ସେଠୀ ଗୁରୁବାର ଚଢ଼ାଉ କରିଛନ୍ତି। ଏହି ସମୟରେ ସେଠାରେ ଥିବା ମାଙ୍କଡ଼ା ପଥର ବୋଝେଇ ଏକ ଟ୍ରକ୍ ଓ ଟ୍ରାକ୍ଟର ଜବତ କରିଛନ୍ତି। ଚଢ଼ାଉ ସମୟରେ ପଥର କଟାଳି ଓ ଗାଡ଼ି ଡ୍ରାଇଭରମାନେ ଫେରାର ହୋଇ ଯାଇଥିଲେ। ଜବତ ଗାଡ଼ି ଦୁଇଟିକୁ ତହସିଲଦାର ସେଠୀ ବୈରୀ ପୋଲିସ୍‌କୁ ହସ୍ତାନ୍ତର କରିଛନ୍ତି। ଚଢ଼ାଉରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କ ସମେତ ରାଜସ୍ୱ ନିରୀକ୍ଷକ ପ୍ରମୁଖ ସାମିଲ ହୋଇଥିଲେ।

# ମୁଖ୍ୟ ଅଭିଯୁକ୍ତ ମିଟୁ ଗିରଫ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୦।୫ (ଡି.ଏନ.ଏ./ସ୍ୱ.ପ୍ର.)


ଗିରଫ ଅଭିଯୁକ୍ତ ମିଟୁଙ୍କୁ କୋର୍ଟରେ ହାଜର କରିବାକୁ ନିଆଯାଉଛି।

- ପଣସୁଧା ଗୋଷ୍ଠୀ ସଂଘର୍ଷ, ପୋଲିସ ଗାଡ଼ି ପୋଡ଼ି ଘଟଣା

ବାଲିଚନ୍ଦ୍ରପୁର ଥାନା ଅଧୀନ ପଣସୁଧାଠାରେ ମାର୍ଚ୍ଚ ୬ରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଯୋଗୁ ପୋଲିସର ୨ଟି ଗାଡ଼ି ପୋଡ଼ି ଦିଆଯାଇଥିଲା। ଏହି ଗାଡ଼ି ପୋଡ଼ି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ନିଲମ୍ବିତ ଶିକ୍ଷକ ବସନ୍ତରାଜ ସାମଲ ଓରଫ ମିଟୁ। ପୋଲିସ ମିଟୁଙ୍କୁ ବାଲିଚନ୍ଦ୍ରପୁର ବଜାର ନିକଟରୁ ଗିରଫ କରିଥିବା ସୂଚନା ଦେଇଛି। କେବଳ ପୋଲିସ ଗାଡ଼ି ପୋଡ଼ି ମାମଲା ନୁହେଁ ଏହି ଘଟଣାରେ ସାକ୍ଷୀ ଥିବା ଭରତପୁରର ବଟକୃଷ୍ଣ ରାଉତଙ୍କୁ ଗତ ମାସ ୧୪ ତାରିଖରେ ସାକ୍ଷୀ ନ ଦେବା ପାଇଁ ମିଟୁ ଧମକ ଦେଇଥିଲ। ଏନେଇ ବଟକୃଷ୍ଣ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୧୩/୨୧) ରୁଜୁ କରିଥିଲା। ଏହି ଦୁଇ ମାମଲାରେ ମିଟୁଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ମିଟୁଙ୍କ ନିର୍ଦ୍ଦେଶରେ ତାଙ୍କ ସମର୍ଥକମାନେ ଦୁଇଟି ପୋଲିସ ଭ୍ୟାନ ପୋଡ଼ି ଦେଇଥିଲେ। ପୋଲିସ ନିଜ ଆଡୁ ୭୪/୨୧ରେ ମାମଲା ରୁଜୁ କରିବା ସହ ମିଟୁଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିଲା। ଘଟଣା ପରେ ମିଟୁ ଖସିଯିବାକୁ ସକ୍ଷମ ହୋଇଥିଲେ। ଗତ ମାସ ୫ ତାରିଖରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଟୁଙ୍କୁ ନିଲମ୍ବିତ କରାଯାଇଥିଲା। ସେ ସମୟରେ ମିଟୁଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ତେବେ ଉଚ୍ଚ ନ୍ୟାୟାଳୟରୁ ମିଟୁଙ୍କ ଗିରଫ ନେଇ ଅନ୍ତରୀଣ ସୁରକ୍ଷା ମିଳିବା ପରେ କିଛିଟା ଆଶ୍ୱସ୍ତ ହୋଇଥିଲେ ମିଟୁ। କିନ୍ତୁ ଗତ ମାସ ୨୯ ତାରିଖ ମାମଲାର ଶୁଣାଣି କରି ଉଚ୍ଚନ୍ୟାୟାଳୟ ମିଟୁଙ୍କୁ ତଳ କୋର୍ଟରେ ଆତ୍ମସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆତ୍ମସମର୍ପଣ ପୂର୍ବରୁ ମିଟୁଙ୍କୁ ଧରିବା ପାଇଁ ପୋଲିସ କୋର୍ଟ ବାହାରେ ୧୫ ଦିନ ହେବ ଜାଲ ବିଛାଇଥିଲା। ଫଳରେ ସେହିଦିନଠାରୁ ମିଟୁ ଆଉ କୋର୍ଟରେ ଆତ୍ମସମର୍ପଣ କରି ନ ଥିଲେ।

## ଶ୍ରମିକ, କର୍ମଚାରୀ ଟିକାକରଣରେ ସାମିଲ ହେବେ

କାଳିଆପାଣି,୨୦।୫(ଡି.ଏନ.ଏ.)

ସୁକିନ୍ଦାଖଣି ଅଞ୍ଚଳରେ କରୋନା ଉଗ୍ରରୂପ ଧାରଣ କରିଛି। ୫ ଦିନରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆକ୍ରାନ୍ତ ସଂଗରୋଧରେ ଅଛନ୍ତି। ତେଣୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ କରୋନା ଟେଷ୍ଟିଂ ଏବଂ ଟିକାକରଣ ନେଇ ପ୍ରଶାସନ କିମ୍ବା କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଖଣି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ଜୀବିକା ଉପରେ ପ୍ରଶ୍ନ ଉଠାଇ ସ୍ଥାନୀୟ ଶ୍ରମିକ ସଂଘ ପକ୍ଷରୁ ଗୁରୁବାର ଏକ ବୈଠକ ହୋଇଥିଲା। ବିଧାୟକ ପ୍ରିତିରଞ୍ଜନ ଘଡ଼ାଇଙ୍କ ନିର୍ଦ୍ଦେଶକ୍ରମେ କାଳିଆପାଣିଠାରେ ଅନୁଷ୍ଠିତ ବୈଠକରେ ନାରାୟଣ ଚନ୍ଦ୍ର ଧୀର ଅଧକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଖଣିର ଉଚ୍ଚ ପଦାଧିକାରୀ, ସାତ ପଞ୍ଚାୟତର ସରପଞ୍ଚ, ବିଭିନ୍ନ ଖଣି ସଂଘ କର୍ମକର୍ତ୍ତା ଯୋଗଦେଇ ଖଣି ଅଞ୍ଚଳର ଜନସାଧାରଣଙ୍କୁ କରୋନା କବଳରୁ କିପରି ରକ୍ଷା କରାଯାଇ ପାରିବ ମତାମତ ରଖିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଓ ବିଧାୟକ ଘଡ଼ାଇ ଭର୍ଚୁଆଲ ମାଧ୍ୟମରେ ମତାମତ ଦେଇଥିବାବେଳେ ଶ୍ରମିକ, କର୍ମଚାରୀ ସହ ସେମାନଙ୍କ ପରିବାରକୁ ତ୍ୱରିତ ଭାବେ କରୋନା ପରୀକ୍ଷା ସହ ଟିକା ପ୍ରଦାନ କରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଟିଏସଏମଏଲର ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ସରପଞ୍ଚ ବିଶ୍ୱଜିତ୍ ମହାନ୍ତି, ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ପ୍ରଧାନ, ଜୁଲୁ ଜେନା, ବୈକୁଣ୍ଠ ମହାନ୍ତ ପ୍ରମୁଖ ସଂଘ କର୍ମକର୍ତ୍ତାଙ୍କ ସହ ଇମ୍ଫା, ବେଦାନ୍ତ ଓ ଫେକାରର ପଦାଧିକାରୀ ଉପସ୍ଥିତ ଥିଲେ।

## ବର୍ଷାଋତୁ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି

ସିଂହପୁର,୨୦।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ଅଧୀନ ନୂଆମାହାରା ମୁହାଣ ଖୋଳା ଚାଲିଛି। ମୁହାଣ ଖୋଳା ପାଇଁ ଖରସ୍ରୋତା ନଦୀ ପାଣିକୁ ଆଡ଼ି ବନ୍ଧ କରାଯାଇ ବନ୍ଦ କରାଯାଇଛି। ଫଳରେ ନଦୀ କୂଳିଆ ଚାଷୀ ପାଣି ପାଇଁ ହିନସ୍ତା ଭୋଗୁଛନ୍ତି। ତେଣୁ ତୁରନ୍ତ ଆଡ଼ିବନ୍ଧ ଖୋଲାଯାଇ ପାଣି ଛଡ଼ାଯିବାକୁ ଚାଷୀ ଦାବି କରିଛନ୍ତି। ସେହିପରି କାମଦେବ ମାହାରାରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଘାଇ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ତେଣୁ ବର୍ଷାଋତୁ ପୂର୍ବରୁ ଘାଇ କାର୍ଯ୍ୟ ଶେଷ ନ ହେଲେ ୧୫ଟି ପଞ୍ଚାୟତ ଲୋକେ କ୍ଷତିଗ୍ରସ୍ତ ହେବେ। ଅନ୍ୟପକ୍ଷେ ନାଉବାଙ୍କରୁ ଫଳପୁର ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତାରେ ସ୍ଲୁଇସଗେଟ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟରେ ମଧ୍ୟ ଠିକାଦାର ତତ୍ପରତା ହେଉ ନ ଥିବାରୁ କାର୍ଯ୍ୟ ମନ୍ଥରଗତିରେ ଚାଲୁଛି। ତେଣୁ ଏହି ସବୁ କାର୍ଯ୍ୟ ବର୍ଷାଋତୁ ପୂର୍ବରୁ ଶେଷ କରିବାକୁ ସାମାଜିକ କର୍ମୀ ବିଜୟ ସାମଲ, ଅଶୋକ ନାୟକଙ୍କ ସମେତ ବହୁ ଚାଷୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ମାଟ୍ରିକ ଖାତା ମୂଲ୍ୟାୟନକୁ ନେଇ ଚିନ୍ତା

ଯାଜପୁର ଅଫିସ,୨୦।୫

ହାଇସ୍କୁଲର ମେଧାବୀ ଛାତ୍ରୀଛାତ୍ରମାନଙ୍କ ପ୍ରତି ଅନ୍ୟାୟ କରାଗଲେ ରାଜ୍ୟର ଅଭିଭାବକ ଓ ବୁଦ୍ଧିଜୀବୀମାନେ ବୋର୍ଡ କର୍ତ୍ତୃପକ୍ଷଙ୍କୁ କ୍ଷମା କରିବେ ନାହିଁ। ଆସନ୍ତା ୨୪ ତାରିଖରୁ ମାର୍କ ଅପ୍‌ଲୋଡ ଆରମ୍ଭ କରିବା ପୂର୍ବରୁ ବିଭାଗୀୟ ମନ୍ତ୍ରୀ ଓ ଶିକ୍ଷା ବିଭାଗ ସଚିବ ଏଥିପ୍ରତି ସଜାଗ ରହିବାକୁ ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦର ସମ୍ପାଦକ ହରେକୃଷ୍ଣ ପଣ୍ଡା ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ପ୍ରକୃତ ମେଧାବୀ ଛାତ୍ରୀଛାତ୍ର ଓଡ଼ିଶାର ସମ୍ପଦ। ଛାତ୍ରୀଛାତ୍ରଙ୍କ ପ୍ରତି ଅବିଚାର କରାଗଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ। ଦୀର୍ଘ ୨୦ ବର୍ଷ ହେବ ଯେତେ ଚେଷ୍ଟା କଲେ ମଧ୍ୟ ମାଟ୍ରିକ ପରୀକ୍ଷାରେ ସ୍ୱଚ୍ଛତା ମିଳି ପାରୁ ନାହିଁ। ସରକାର ଚଳିତ ବର୍ଷ କରୋନା ଆଳରେ ବିନା ପରୀକ୍ଷାରେ ପୂର୍ବ ପରୀକ୍ଷା ନମୁନା ଅନୁଯାୟୀ ମେଧା ଚୟନ କରାଯିବାକୁ ଯେଉଁ ନିର୍ଦ୍ଦେଶ ଦେଲେ ତାହା ପ୍ରମାଦପୂର୍ଣ୍ଣ। କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ପୂର୍ବରୁ ଦଶମ ଶ୍ରେଣୀରେ ଟେଷ୍ଟ ଦେଇ ନ ଥିବା ପିଲାଙ୍କ ଘରେ ଉତ୍ତର ଲେଖି ଆଣି ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ଯାଜପୁର ଜିଲା ସମେତ ସାରା ଓଡ଼ିଶାରେ ଅଭିଭାବକମାନଙ୍କ ମଧ୍ୟରେ ଭାଲେଣି ପଡ଼ିଛି ବୋଲି ସେ କହିଛନ୍ତି।

# ପିମ୍ପଲ ପିଏମ୍‌ଜିଏସ୍‌ୱାଇ କାମ ଅସମ୍ପୂର୍ଣ୍ଣ

ଯାଜପୁର ଅଫିସ/ରଗଡ଼ି(ଡି.ଏନ୍.ଏ.),୨୦।୫

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ୨୧୫ ନମ୍ବର ଜାତୀୟ ରାଜପଥଠାରୁ ପିମ୍ପଲ ପର୍ଯ୍ୟନ୍ତ ୨.୯୮୦ କିମି ରାସ୍ତା ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ନ ପାରିବା ଠିକାଦାର ଭାଗୀରଥି ସାହୁଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କ ପ୍ରଥମ ଶ୍ରେଣୀ ଠିକାଦାରି ଲାଇସେନ୍ସକୁ କଳା ତାଲିକାଭୁକ୍ତ କରିବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ (ପତ୍ର ସଂଖ୍ୟା ୨୨୯୫/୧୯।୫।୨୦୨୦)ରେ ମୁଖ୍ୟଯନ୍ତ୍ରୀ (ପିଏମ୍‌ଜିଏସ୍‌ୱାଇ)ଙ୍କୁ ସୁପାରିସ କରିଛନ୍ତି।

ଅନ୍ୟପକ୍ଷେ ୩ ବର୍ଷ ହେବ କେତେକ ନିର୍ମାଣ ସାମଗ୍ରୀ ରାସ୍ତାରେ ପଡ଼ିରହିଛି। ଏଥିଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରିଛନ୍ତି। ସେ ବାବଦରେ ପ୍ରାୟ ୨୪ ଲକ୍ଷ ଟଙ୍କାର ବିଲ୍ କରି ଅର୍ଥ ଆତ୍ମସାତ୍ କରିବାକୁ ମସୁଧା ହେଉଥିବା ଚର୍ଚ୍ଚା ଜୋର ଧରିଛି। ଏହା କେବଳ ଗୋଟିଏ ଘଟଣା ନୁହେଁ, ଯାଜପୁର ଜିଲାରେ ଶତାଧିକ ପିଏମ୍‌ଜିଏସ୍‌ୱାଇ କାମ ଅସମ୍ପୂର୍ଣ୍ଣ ରଖି ଅର୍ଥ ଚଳୁ କରାଯାଉଥିବା ଅଭିଯୋଗ ହୋଇଛି।

କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ବିଭିନ୍ନ ଯୋଜନା ମାଧ୍ୟମରେ ଜିଲାର ରାସ୍ତାଘାଟର ନିର୍ମାଣ, ପୁନଃ ନିର୍ମାଣ, ପ୍ରଶସ୍ତୀକରଣ ଓ ମରାମତି ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ସରକାର ପିଏମ୍‌ଜିଏସ୍‌ୱାଇ ପ୍ରଣୟନ କରିଛନ୍ତି। ପ୍ରତି ୧ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଯୋଜନାର ଲକ୍ଷ୍ୟ। ତେବେ ଜିଲାର ଯାଜପୁର ଓ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନର କେତେଜଣ ଯନ୍ତ୍ରୀଙ୍କ ସମେତ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି।


କାମ କରା ନ ଯାଇ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ପଡ଼ିରହିଛି।

- କଳା ତାଲିକାଭୁକ୍ତ ହେବ ଠିକାଦାରି ଲାଇସେନ୍ସ
- କାମ ନ କରି ଅର୍ଥ ହଡ଼ପ ପାଇଁ ମସୁଧା

୨୦୦୭-୦୮ ଆର୍ଥିକ ବର୍ଷରୁ ମଞ୍ଜୁରପ୍ରାପ୍ତ କେତେକ ରାସ୍ତା ମଧ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ନଜିର ରହିଛି। ଜିଲାରେ ଠିକାସଂସ୍ଥା ନନ୍ଦିଘୋଷ ଇନ୍‌ଫ୍ରାଷ୍ଟ୍ରକ୍ଚର, ଲଜିଷ୍ଟିକ, ଭୁବନେଶ୍ୱରୀ କନ୍‌ଷ୍ଟ୍ରକ୍ସନ, ବିରଜା କନ୍‌ଷ୍ଟ୍ରକ୍ସନ, ସତ୍ୟସାଇ କନ୍‌ଷ୍ଟ୍ରକ୍ସନ, ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ, ମା' ବାସୁଲେଇ କନ୍‌ଷ୍ଟ୍ରକ୍ସନ ପ୍ରମୁଖଙ୍କୁ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣରେ ଅଗ୍ରାଧିକାର ଦିଆଯାଇ ଆସୁଛି। ଅଧିକାଂଶ ଠିକାସଂସ୍ଥା ନିମ୍ନମାନର ରାସ୍ତା କରୁଛନ୍ତି। କାମ ଶେଷ କରିବାରେ ବିଳମ୍ବ କରୁଥିଲେ ହେଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଚର୍ଚ୍ଚା ହେଉଛି। ୨୧୫ ନମ୍ବର ଏନ୍‌ଏଚ୍‌ଠାରୁ ପିମ୍ପଲ ପିଏମ୍‌ଜିଏସ୍‌ୱାଇ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ୬।୬।୧୮ରେ ୧୨୧.୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣର ଶୁଭାରମ୍ଭ ହୋଇଥିଲା। ୬।୬।୧୯ ସୁଦ୍ଧା ରାସ୍ତା କାମ ଶେଷ କରିବାକୁ ଚୁକ୍ତିରେ ଦର୍ଶାଯାଇଥିଲା। କିନ୍ତୁ ଠିକାଦାର ଇତିମଧ୍ୟରେ ବ୍ୟୟ ଅଟକଳରୁ ମାତ୍ର ୧୯ ପ୍ରତିଶତ କାମ କରିଛନ୍ତି। ରାସ୍ତା କାର୍ଯ୍ୟ ବିଷୟରେ ଆଲୋଚନା କରିବାକୁ ଠିକାଦାରଙ୍କୁ ଏକାଧିକ ପତ୍ର ଦିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ଓ ତାରିଖରେ ସେ ଅନୁପସ୍ଥିତ ରହିବାରୁ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ତାଙ୍କ ଇଚ୍ଛା ନାହିଁ। ତେଣୁ ସମ୍ପୃକ୍ତ ଠିକାଦାରଙ୍କ ପ୍ରଥମ ଶ୍ରେଣୀ ଠିକାଦାରି ଲାଇସେନ୍ସକୁ କଳା ତାଲିକାଭୁକ୍ତ କରାଯାଇପାରେ ବୋଲି ନିର୍ବାହୀ ଯନ୍ତ୍ରୀ ବିଜୟ ମହାରଣା ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

Office of District Manager
**ODISHA STATE CIVIL SUPPLIES CORPORATION LTD. (OSCSC)**
Cuttack (District) Phone : 0671-2507744
District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd, Cuttack

Odisha Coal and Power Limited OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha., Tel No: 0674-2300654 /2300664

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

Sd./- Addl. General Manager (C&CA)

## ସଂକ୍ଷେପରେ

### ରେଳ ଧାରଣାରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ଡେରାବିଶ,୨୦।୫(ସ୍ୱ.ପ୍ର.):** ହରିଦାସପୁର-ପାରାଦୀପ ରେଳପଥର ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଡେରାଡିହି ଗାଁ ନିକଟରେ ଗୁରୁବାର ସକାଳେ ଜଣେ ଅଜଣା ବ୍ୟକ୍ତିଙ୍କର ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିଲେ ମଧ୍ୟ ତାଙ୍କର ଆନୁମାନିକ ବୟସ ୫୫ ରୁ ୬୦ ମଧ୍ୟରେ ହେବ। ତାଙ୍କର ଗୋଡ଼ରେ ଏକ ବୁଟ୍‌ଥିବା ବେଳେ ସେ ଗୋଟିଏ ଟି ସାର୍ଟ ଏବଂ ଗାମୁଛା ପିନ୍ଧିଛନ୍ତି। ସକାଳେ ସ୍ଥାନୀୟ ଲୋକ ଶୌଚ ହେବାକୁ ଯାଇଥିବାବେଳେ ରେଳ ଧାରଣାରେ ମୃତଦେହ ପଡିଥିବା ଦେଖି ଡେରାବିଶ ଥାନାକୁ ଖବର ଦେଇଥିଲେ। ତେବେ ଏହି ମାମଲା ରେଳପଥ ଜିଆରପିର ଦାୟିତ୍ୱରେ ଥିବାରୁ ପୋଲିସ ଯାଜପୁର ରୋଡ୍ ଜିଆରପିକୁ ଖବର ଦେବା ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ କେଉଁ କାରଣରୁ ରେଳ ଧାରଣାକୁ ବ୍ୟକ୍ତି ଜଣକ ଆସିଥିଲେ, ତାଙ୍କ ଘର କେଉଁଠାରେ ସେ ବିଷୟରେ ଜିଆରପି ପକ୍ଷରୁ ତଦନ୍ତ ଜାରି ରହିଛି।

### ବେକାବୁ କରୋନା, ପୁଣି ଦ୍ୱିଶତକ ଟପିଲା

**କେନ୍ଦ୍ରାପଡ଼ା ଅଫିସ, ୨୦।୫:** କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣ ବେକାବୁ ଅବସ୍ଥାକୁ ଆସିଛି। ବୁଧବାର ୨୦୪ ଜଣ ଚିହ୍ନଟ ହୋଇଛନ୍ତି। ଜିଲା ପ୍ରଶାସନର ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରୁ ସର୍ବାଧିକ ୫୦ ଜଣ ଚିହ୍ନଟ ହୋଇଥିବା ବେଳେ ଆଳିରୁ ୫, ଡେରାବିଶରୁ ୨୮, ଗରଦପୁରରୁ ୫, ମହାକାଳପଡାରୁ ୨୧, ମାର୍ଶାଘାଇରୁ ୨୯, ପଟ୍ଟାମୁଣ୍ଡାଇରୁ ୨୩, ରାଜକନିକାରୁ ୬, ରାଜନଗର ବ୍ଲକ ଅଞ୍ଚଳରୁ ୨୫, କେନ୍ଦ୍ରାପଡା ପୌରାଞ୍ଚଳରୁ ୪ ଓ ଅନ୍ୟ ଜିଲାରୁ ୮ ଜଣ ଚିହ୍ନଟ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଅଦ୍ୟାବଧି ଜିଲାରୁ ୧୨,୮୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧,୨୭୮ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି।

### ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୨୮ ୟୁନିଟ୍ ରକ୍ତ ସଂଗ୍ରହ

**ଜଗତ୍‌ସିଂହପୁର ଅଫିସ,୨୦।୫:** ଜଗତ୍‌ସିଂହପୁର ସହରର ଗୋପାଳସାଗରସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ବିଜେଡିର 'ମୋ ପରିବାର' ଆନୁକୂଲ୍ୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମକୁ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଉଦ୍‌ଘାଟନ କରିଥିଲେ। ବାଙ୍କୀ ବିଧାୟକ ତଥା ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସମ୍ବିତ କୁମାର ଲେଙ୍କା, ଜଗତ୍‌ସିଂହପୁର ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ଆଇନଜୀବୀ ଦୋଳଗୋବିନ୍ଦ ଦାଶ, ପୂର୍ବତନ ନଗରପାଳ ମଧୁସୂଦନ ସାହୁ, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ସମ୍ବିତ ମହାନ୍ତି, ନଗର ବିଜୁ ଯୁବ ଜନତା ଦଳ ସଭାପତି ସୁଧାଂଶୁ ଭୂଷଣ ଦାଶ ଓ ଜିଲା ବିଜୁ କୃଷକ ସେଲ୍ ଅଧ୍ୟକ୍ଷ ପ୍ରକାଶ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ରୁ ୧୦ ଆଲର୍ଟ କେନ୍ଦ୍ରର ସାଇରନ ବାଜୁନି

**କେନ୍ଦ୍ରାପଡା ଅଫିସ, ୨୦।୫**

କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣ ଦିନକୁଦିନ ବଢି ଚାଲିଛି। ବଙ୍ଗୋପସାଗର ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା ୟାସ୍‌କୁ ନେଇ ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ ଲଗାଇଛି। ଏହାକୁ ନେଇ ଜିଲାବାସୀ ଆତଙ୍କିତ ହୋଇପଡିଛନ୍ତି। ଓଡ଼ିଶାରେ ୧୯୯୯ ମହାବାତ୍ୟାଠାରୁ ୨୦୨୦ ଅମ୍ଫାନ ବାତ୍ୟା ସବୁକୁ ଜିଲାବାସୀ ସମ୍ମୁଖୀନ ହୋଇଛନ୍ତି। ଧନ ଓ ଜୀବନ ସହ ପରିବେଶ ନଷ୍ଟ ହୋଇଛି। ବାତ୍ୟା ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେଉଥିବା ୩୧୨ ବାତ୍ୟା ଆଶ୍ରୟସ୍ଥଳକୁ ଜିଲା ପ୍ରଶାସନ ଅସୁରକ୍ଷିତ ଘୋଷଣା କରିଛନ୍ତି। ବାତ୍ୟା ଆଶ୍ରୟସ୍ଥଳରେ ଥିବା ଉପକରଣର ତନଖି ହେଉ ନ ଥିବାରୁ ଅଧିକାଂଶ ଆପଦକାଳରେ ଉପଯୋଗୀ ହୋଇପାରୁନାହିଁ। ଏଥିସହ ଜିଲା ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ୨୦ଟି ଆଲର୍ଟ କେନ୍ଦ୍ର ମଧ୍ୟରୁ ୧୦ଟିରେ ସାଇରନ ବାଜୁ ନାହିଁ। ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ଏ ନେଇ ବୈଠକ କରୁଥିଲେ ମଧ୍ୟ ଅଦ୍ୟାବଧି ଦୁର୍ବଳ ନଦୀବନ୍ଧର ମରାମତି ସରି ପାରିନାହିଁ। ଏସବୁ ଲୋକଙ୍କ ଚିନ୍ତାର କାରଣ ସାଜିଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି, ପରିବେଶବିତ ହେମନ୍ତ କୁମାର ରାଉତ, ଶ୍ରୀକାନ୍ତ ନାୟକ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିବର୍ଷ ଜିଲାବାସୀ ଭୋଗୁଛନ୍ତି। ଏହାର ନିରାକରଣ ପ୍ରତି ରାଜନେତା ଓ ପ୍ରଶାସକ ଅଣଦେଖା କରି ଚାଲିଛନ୍ତି। ଲଘୁଚାପ ଜନିତ ସାମୁଦ୍ରିକ ଝଡ଼ ଭୟଙ୍କର ହେଲେ ଜିଲାରେ ବନ୍ୟାର ଆଶଙ୍କା ଦେଖାଦେଇଥାଏ। ଜିଲାରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ଏକ ବଡ଼ ସମସ୍ୟା। ଏହାର ନିରାକରଣ ପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ, ମହାନଦୀ ଡିଭିଜନ, ଚିତ୍ରୋତ୍ପଳା ଡିଭିଜନ, ଡ୍ରେନେଜ ଡିଭିଜନର ଅଧିକାରୀମାନେ ସତର୍କ ହେବା କଥା। ମେ' ମାସ ପୂର୍ବରୁ ନଦୀବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ ସହ ମରାମତି ହେବା କଥା। ତେବେ ଅଦ୍ୟାବଧି ଗତବର୍ଷର ବେଣିପୁର ଘାଇ ସମ୍ପୂର୍ଣ୍ଣ ମରାମତି ହୋଇପାରିନାହିଁ। ବହୁ ନଦୀବନ୍ଧ ଦୁର୍ବଳ ଯୋଗୁ ସାମାନ୍ୟ ବନ୍ୟାରେ ଭାଙ୍ଗିବାର ଆଶଙ୍କା ରହିଛି। ସେହିପରି ଜଳ ନିଷ୍କାସନ ପଥ ଅଦ୍ୟାବଧି ପରିଷ୍କାର କରାଯାଇନାହିଁ। ବାତ୍ୟାର ବେଗ ଅଧିକ ହେଲେ ସାମୁଦ୍ରିକ ତଟକ୍ଷୟ ସହ ଜଙ୍ଗଲ ଉପରେ ପ୍ରଭାବ ପକାଇବ। ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନୀ ଓ ୨୦୨୦ର ଅମ୍ଫାନ ବାତ୍ୟା ଏହାର ଉଦାହରଣ ସାଜିଛି। ଏହାସତ୍ତ୍ୱେ ଜଙ୍ଗଲ ଜମି ଜବରଦଖଲ, ଚିଙ୍ଗୁଡି ଘେରି ନିର୍ମାଣ ଆଦି ସମସ୍ୟାକୁ ରାଜନେତା ଓ ପ୍ରଶାସକ ସର୍ବଦା ଉପେକ୍ଷା କରି ଚାଲିଛନ୍ତି। ବନ୍ୟା, ବାତ୍ୟା, ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଲର୍ଟ କେନ୍ଦ୍ରରୁ ସାଇରନ ଦ୍ୱାରା ସତର୍କ କରାଯାଇଥାଏ। ତେବେ ଗତ ଅମ୍ଫାନ ସମୟରେ ରାଜନଗରର ୧୧ଟି ଓ ମହାକାଳପଡାର ୯ଟି କେନ୍ଦ୍ର ମଧ୍ୟରୁ ରଟପଙ୍ଗା, ନରସିଂହପୁର, ଜମ୍ବୁ, ତନ୍ତିଆପାଳ, ଏଣ୍ଡୁଲାପୁର, କଇଥା, ଚିଞ୍ଚିରି, ପେଣ୍ଠ, ବ୍ରାହ୍ମଣଶାସନ ଓ କନ୍ଦରାପାଟିଆ ବ୍ୟତୀତ ଅନ୍ୟ ୧୦ଟିରେ ସାଇରନ ବାଜି ନ ଥିଲା। ଏଠାରେ ସିଷ୍ଟମ ସବୁ ଅକାମୀ ହୋଇ ପଡିଛି। ସେହିପରି ଜିଲାର ୩୧୨ ବାତ୍ୟା ଅଶ୍ରୟସ୍ଥଳ ଅସୁରକ୍ଷିତ ହୋଇଥିବା ବେଳେ ଉପକରଣ ନଷ୍ଟ ହୋଇଛି। ଆସନ୍ତା ୨୨ ତାରିଖ ପୂର୍ବରୁ ଏହାର ସମାଧାନ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ୟାସ୍‌ର ସମ୍ମୁଖୀନ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତିରେ ଅଛି। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ନିରୀକ୍ଷଣ ସହ ସ୍ଥାନାନ୍ତର, ଗମନାଗମନ, ସ୍ୱାସ୍ଥ୍ୟସେବା ଆଦିକୁ ଗୁରୁତ୍ୱ ଦିଆଯାଇଛି।



କେନ୍ଦ୍ରାପଡ଼ା ବ୍ଲକ ମରଡପୁର ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ।

- ଆସୁଛି ୟାସ୍, ଆଶଙ୍କାରେ ଜିଲାବାସୀ
- ୩୧୨ ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ
- ମରାମତି ସରିନି ଦୁର୍ବଳ ନଦୀବନ୍ଧ

## ବଜାର ଖୋଲିବା ଦାବିରେ ସମ୍ପାଦକଙ୍କ ଅନଶନ

**ରାହାମା/କୁଜଙ୍ଗ,୨୦।୫(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ରାହାମା ବଜାର ଖୋଲିବା ଦାବିରେ ସମ୍ପାଦକ ସୁନାକର ବେହେରା ଗୁରୁବାର ଧାରଣାରେ ବସିଥିଲେ। ଏନେଇ ସେ ବଜାରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବସି ଥିଲେ। ବଜାରରେ କୋଭିଡ୍ ନିୟମ ଉଲ୍ଲଂଘନ ହେବାରୁ ଜିଲାପାଳ ମେ'୧୦ରୁ ଏହାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଜାର ବନ୍ଦ ରହିବା ଯୋଗୁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅସୁବିଧା ଭୋଗୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଖବରପାଇ ତିର୍ତ୍ତୋଲ ଥାନା ଅଧିକାରୀ ଭାବଗ୍ରାହୀ ରାଉତ ଓ କୁଜଙ୍ଗ ବିଡିଓ ଅମିୟ କୁମାର ପଣ୍ଡା ସେଠାରେ ପହଞ୍ଚି କୋଭିଡ୍ ଗାଇଡଲାଇନ୍ ମାନି ବଜାର ଖୋଲିବାକୁ ଜିଲାପାଳଙ୍କଠାରୁ ଅନୁମତି ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବେହେରା ଅନଶନ ପ୍ରତ୍ୟାହୃତ କରିଥିଲେ।



ବଜାର କମିଟି ସମ୍ପାଦକ ସୁନାକର ବେହେରା ଓ ସହଯୋଗୀମାନେ ଅନଶନରେ ବସିଛନ୍ତି।

## ଘରେ ଘରେ ପ୍ରବାସୀ, କଟକଣାକୁ ଅମାନ୍ୟ

**ଆଳି,୨୦।୫(ଡି.ଏନ.ଏ.)**

ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଆଳି ବ୍ଲକ ଗ୍ରାମାଞ୍ଚଳ ଅବସ୍ଥା ସଙ୍ଗୀନ ହେବାରେ ଲାଗିଛି। କରୋନା କବଳରେ କବଳିତ ହୋଇ ଅନେକ ବ୍ୟକ୍ତିଙ୍କ ଜୀବନ ଅଚିରେ ଛଡି ପଡୁଛି। ଏହା ଅନେକଙ୍କୁ ମାନସିକ ଭାବେ ଶକ୍ତ ଆଘାତ ଦେଇ ଚାଲିଛି। ଅନ୍ୟପକ୍ଷରେ ସଂକ୍ରମଣର ବ୍ୟାପକତା ଯୋଗୁ ରାଜ୍ୟ ବାହାରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରବାସୀମାନେ ଏବେ ଘରମୁହାଁ ହେବାରେ ଲାଗିଛନ୍ତି। ପ୍ରତିଦିନ ଶତାଧିକ ସଂଖ୍ୟାରେ ପ୍ରବାସୀ ନିଜ ଭିଟାମାଟିକୁ ଫେରୁଛନ୍ତି। କରୋନା ପ୍ରଥମ ଲହର ସମୟରେ ଥିବା କଟକଣା ଦ୍ୱିତୀୟ ଲହରରେ ଆଉ ଦେଖିବାକୁ ମିଳୁନାହିଁ। ପ୍ରବାସୀମାନେ ଦିଲ୍ଲୀ, ବମ୍ବେ, ସୁରଟ ଆଦି ସ୍ଥାନରୁ ଆସି ଘରେ ପହଞ୍ଚି ସାରିଛନ୍ତି। ପୂର୍ବବର୍ଷ ଭଳି କଟକଣା ନ ଥିବାରୁ ପ୍ରବାସୀମାନେ ମନଇଚ୍ଛା ଘରୁ ବାହାରି ପଦାରେ ବୁଲୁଛନ୍ତି। ପୂର୍ବରୁ ପ୍ରବାସୀମାନେ ଫେରିବା ପରେ ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବାର ବ୍ୟବସ୍ଥା ହେଉଥିଲା। ପଞ୍ଚାୟତର ସରପଞ୍ଚ, ଅଙ୍ଗନୱାଡି ଓ ଆଶା କର୍ମୀ, ମେଡିକାଲ ଟିମ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବ୍ୟାପକ ବ୍ୟବସ୍ଥା କରୁଥିଲେ। ଯାହାକି ଗ୍ରାମାଞ୍ଚଳର କରୋନା ସଂକ୍ରମଣରେ ରୋକ ଲଗାଇଥିଲା। ପ୍ରଥମ ଅପେକ୍ଷା ଦ୍ୱିତୀୟ ଲହର ଓ ଆଗକୁ ଆସୁଥିବା ତୃତୀୟ ଲହର ଅଧିକ ଭୟଙ୍କର ହେବ ବୋଲି ସୂଚନା ମିଳିଲାଣି। ଘରକୁ ଫେରିଥିବା ଅନେକ ପ୍ରବାସୀ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇ ଭୟରେ ସ୍ୱାସ୍ଥ୍ୟ ପରୀକ୍ଷା କରୁନାହାନ୍ତି। ସେମାନଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ କୁହାଯାଉଥିଲେ ହେଁ ସେମାନେ ଗାଁରେ ଅନ୍ୟମାନଙ୍କ ସହ ମିଳାମିଶା କରୁଛନ୍ତି। ବ୍ଲକର ୩୪ ପଞ୍ଚାୟତର ଗାଁଗୁଡିକରେ ଏବେ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଦ୍ୱିତୀୟ ଲହରରେ ବ୍ଲକରେ ୨ଶହ ପାଖାପାଖି ସଂକ୍ରମିତ ଚିହ୍ନଟ ହୋଇସାରିଲେଣି। କେତେକ ଗାଁରେ ଏକାଧିକ କରୋନା ପଜିଟିଭ ଚିହ୍ନଟ୍ ହେବାଦ୍ୱାରା ଏହା ଗୋଷ୍ଠୀ ସଂକ୍ରମଣ ଭଳି ପରିସ୍ଥିତି ସୃଷ୍ଟି କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ପ୍ରଥମ ଲହରରେ ହୋଇଥିବା କଟକଣାକୁ ପୁନର୍ବାର ଲାଗୁ କରିବାକୁ ସାଧାରଣରେ ଦାବି ହୋଇଛି।

# ଭଙ୍ଗା ପିସିଆର୍ ଭ୍ୟାନରେ ଚାଲିଛି ପାଟ୍ରୋଲିଂ

**ନାଉଗାଁ,୨୦।୫(ସ୍ୱ.ପ୍ର.)**

ଅପରାଧୀମାନଙ୍କୁ ଧରିବା ଓ ସେମାନଙ୍କ ଉପରେ ନଜର ରଖିବାକୁ ଥାନାଗୁଡ଼ିକୁ ରାଜ୍ୟ ସରକାର ପିସିଆର ଭ୍ୟାନ ଯୋଗାଇ ଦେଉଛନ୍ତି। ମାତ୍ର ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନାରେ ବ୍ୟବହାର କରାଯାଉଥିବା ପାଟ୍ରୋଲିଂ ଭ୍ୟାନର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଅପରାଧୀଙ୍କୁ ଧରିବାରେ ଏହି ଭ୍ୟାନ କେତେଦୂର ସକ୍ଷମ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ନାଉଗାଁ ବ୍ଲକରେ ୧୬ ପଞ୍ଚାୟତ ଥିବା ବେଳେ ୬ଟି ବାଲି ସୈରାତ ଓ ଗୋଟିଏ ସରକାରୀ ମଦ ଦୋକାନ ରହିଛି। ଦେବୀ ନଦୀରେ ଶିଖରଘାଟ ସେତୁ ହେବା ପରେ ବ୍ଲକର ଗୁରୁତ୍ୱ ବଢ଼ିଯାଇଛି। ଏହି ସେତୁକୁ ବାଲିଭଉଁରୀ–ଶିଖରଘାଟ ରାସ୍ତା ସଂଯୋଗୀକରଣ ହେବା ଦ୍ୱାରା ପାରାଦୀପ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଅସ୍ତରଙ୍ଗ, ପୁରୀ ଓ କୋଣାର୍କ ଆଦି ସ୍ଥାନକୁ ଲୋକେ ଯାତାୟାତ କରୁଛନ୍ତି। ଏହାର ସୁଯୋଗ ନେଇ ଏହି ବାଟ ଓ ଗଳାଧାରୀ ସେତୁ ଦେଇ ଅନେକ ଚୋରା ମାଦକ ଦ୍ରବ୍ୟ, ଗୋରୁ ଗାଡ଼ି ଓ ବିଭିନ୍ନ ଅବକାରୀ ପଦାର୍ଥ ଆଦି ବାହାରକୁ ଚାଲାଣ ହେଉଛି। ବହୁ ସମୟରେ ଅପରାଧୀମାନେ ଆପରାଧିକ କାର୍ଯ୍ୟକଳାପରେ ବ୍ଲକ ଦେଇ ଖସିଯିବାର ନଜିର ରହିଛି। ଅପରପକ୍ଷେ କରୋନା ମହାମାରୀ ସମୟରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଭଳିସ୍ଥିତିରେ ଭଲ ପାଟ୍ରୋଲିଂ ଭ୍ୟାନ୍‌ର ଆବଶ୍ୟକତା ଥିବାବେଳେ ନାଉଗାଁ ପୋଲିସ ବ୍ୟବହାର କରୁଥିବା ପାଟ୍ରୋଲିଂ ଭ୍ୟାନର ଆଗ ଓ ପଛ ପାର୍ଶ୍ୱ କଳଙ୍କି ଲାଗିଯିବା ସହ ଦୁଇ ସାଇଡ ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ଫଳରେ ଦ୍ରୁତଗତିରେ ଏହି ଗାଡ଼ି ଚଳାଇବା ବିପଦଜ୍ଜନକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଏଭଳି ଭଙ୍ଗା ପିସିଆର୍ ଭ୍ୟାନ୍‌କୁ ନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅପରାଧୀମାନେ ଖସିଯାଉଛନ୍ତି। ଗୋଟିଏ ପଟେ ଥାନାରେ ଆବଶ୍ୟକ କର୍ମଚାରୀ ନ ଥିବାବେଳେ ଅନ୍ୟ ପଟେ ଭଙ୍ଗା ଗାଡ଼ିରେ ପାଟ୍ରୋଲିଂକୁ ନେଇ ସ୍ଥାନୀୟ ଅଞ୍ଚଳର ଅପରାଧ ନିୟନ୍ତ୍ରଣକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟ ରଞ୍ଜନ ଶତପଥୀ କହିଛନ୍ତି, ଗାଡ଼ି ସଜାଡ଼ିବା ନିମନ୍ତେ କେତେ ଟଙ୍କା ଆବଶ୍ୟକ ସେନେଇ ଆଲୋଚନା କରିବା ପରେ ତାହାକୁ ମରାମତି କରାଯିବ।



ନାଉଗାଁ ଥାନା ପୋଲିସ ବ୍ୟବହାର କରୁଥିବା ପିସିଆର୍ ଭ୍ୟାନ୍।

**ଅପରାଧ ନିୟନ୍ତ୍ରଣ ନେଇ ପ୍ରଶ୍ନବାଚୀ**

## ଡେରାବିଶରେ ୨୦ ଦିନରେ ୩୯୧ କରୋନା ଆକ୍ରାନ୍ତ

**ଡେରାବିଶ, ୨୦।୫(ସ୍ୱ.ପ୍ର.)**

ମହାମାରୀ କରୋନାର ଦ୍ୱିତୀୟ ଲହର ଡେରାବିଶ ବ୍ଲକ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଗୁରୁବାର ବ୍ଲକ ଅଞ୍ଚଳରେ ୧୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ଗୃହ ସଙ୍ଗରୋଧରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହାକୁ ମିସାଇ ମେ ମାସର ୨୦ ଦିନ ମଧ୍ୟରେ ବ୍ଲକ ଅଞ୍ଚଳରେ ଥିବା ୨୬ ପଞ୍ଚାୟତରୁ ୩୯୧ ଜଣ କରୋନାରେ ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧ ଓ କୋଭିଡ୍‌ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ତେବେ ଏହି ସମୟ ମଧ୍ୟରେ ୪ ଗ୍ରାମର ୫ଟି ୱାର୍ଡ଼କୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ମାତ୍ର ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ନାଁ ଧରୁନାହିଁ। ଏ ନେଇ ସାଧାରଣରେ ଆତଙ୍କ ଘେରିଯାଇଛି। ଚଳିତ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରପଞ୍ଚମାନଙ୍କୁ କରୋନାର ପ୍ରଥମ ଲହର ଭଳି ଜିଲାପାଳ କ୍ଷମତା ପ୍ରଦାନ କରାଯାଇଛି। ଯେଉଁ ପଞ୍ଚାୟତର ଗାଁଗୁଡିକରେ କରୋନାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଉଛି ସେଠାରେ ସରପଞ୍ଚମାନେ ଆବଶ୍ୟକ ମନେ କଲେ ସଙ୍ଗରୋଧ କେନ୍ଦ୍ରରେ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ରଖିବା ବ୍ୟବସ୍ଥା କରିପାରିବେ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ଜିଲାପାଳ କ୍ଷମତା ଦିଆଯାଇଥିଲେ ମଧ୍ୟ ଭିତ୍ତିଭୂମିର ଅଭାବ ଥିବାରୁ ସରପଞ୍ଚମାନେ କିପରି ଏଭଳି ଗୁରୁଦାୟିତ୍ୱ ତୁଲାଇବେ ସେ ନେଇ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ଓ ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ କହିଛନ୍ତି। ଆଗାମୀ ଦିନରେ ବ୍ଲକ ଅଞ୍ଚଳରେ ସାଧାରଣ ଲୋକମାନେ ନିଜକୁ ସୁରକ୍ଷା ଦେବାକୁ ନିଜ ଭିତରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବିଡିଓ ଗୋପବନ୍ଧୁ ଭୋସାଗର ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

## ନଦୀବନ୍ଧରୁ ପିଚୁ ମେଟାଲ ଉଠିଲା


ପିଚୁ ଓ ମେଟାଲ ଉଠିଯାଇଥିବା ରାସ୍ତା।

**ରାଜକନିକା,୨୦।୫(ଡି.ଏନ.ଏ.)**

ଯାଜପୁର ଜଳସମ୍ପଦ ଡିଭିଜନ ଅଧୀନରେ ଥିବା ନାଉବାଙ୍କ–ଗହିରାପାଳ ୨୦ କି.ମି. ନଦୀବନ୍ଧ ରାସ୍ତାର ପଣସଗଣ୍ଡ ନିକଟରେ ରାସ୍ତାରୁ ପିଚୁ ଉଠିଯାଇ ମେଟାଲ ବାହାରି ଗଲାଣି। ହଳଦୀଡିହ, କୁସୁନିପୁର, ଦାମୋଦରପୁର, ପ୍ରଧାନପଡା, ବଡହଳପଡା ନିକଟ ରାସ୍ତାରୁ ପିଚୁ ଉଠି ବନ୍ଧ ତଳକୁ ଚାଲିଗଲାଣି। ଠିକାଦାର ନିମ୍ନମାନର କାମ କରିଥିବାରୁ ଏପରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ସମୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି କେନ୍ଦ୍ରାପଡ଼ା ଜିଲାପରିଷଦ ସଭ୍ୟ ଜୟଦେବ ଦାସ ଅଭିଯୋଗ କରିଛନ୍ତି। ସେହିପରି ଦାମୋଦରପୁର, ପ୍ରଧାନପଡା ନିକଟରେ ନଦୀବନ୍ଧ ଫାଟି ଗାତ ହେଲାଣି। ବର୍ଷା ଜଳ ସେହି ଗର୍ତ୍ତରେ ପଶି ବନ୍ଧ ଧସିବାକୁ ବସିଛି। ଯାଜପୁର ନିର୍ବାହୀଯନ୍ତ୍ରୀ ରାସ୍ତା ଦେଖିବାକୁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାଙ୍କର ଦେଖାମିଳୁନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# କରୋନା ମାଡ଼ରେ ଦୁଗ୍ଧ ଚାଷୀ ହତାଶ

**ରାହାମା,୨୦।୫,(ଡି.ଏନ୍.ଏ.)**

କରୋନା ମହାମାରୀ ଯୋଗୁ ରାହାମା ଅଞ୍ଚଳର ଦୁଗ୍ଧ ଚାଷୀ ଓ ବ୍ୟବସାୟୀ ଦୁର୍ଦ୍ଦିନରେ ଗତି କରୁଛନ୍ତି। କୋଭିଡ୍ କଟକଣା ଯୋଗୁ ସେମାନେ ବିକ୍ରି କରିପାରୁ ନ ଥିବାରୁ ପ୍ରତିଦିନ ହଜାର ହଜାର ଲିଟର ଦୁଗ୍ଧ ନଷ୍ଟ ହେଉଛି ବୋଲି ଅଭିଯୋଗ କରିଛନ୍ତି। ବଜାର ଘାଟ ବନ୍ଦ ଥିବାରୁ ମିଠା ଦୋକାନ, ଚା ଦୋକାନ ଆଦି ବନ୍ଦ ରହିଛି, ଫଳରେ ଦୁଗ୍ଧର ଆବଶ୍ୟକତା ପଡୁନାହିଁ। ଫଳରେ କାଳିକୁଦ, ଚୌଧୁରୀ କୁଦ, ଖୋସାଲପୁର, ହରିପୁର, ଗୋବର୍ଦ୍ଧନପୁର, କୋଲର, ପୋରଗଦେଇ, ସାଇଲୋ ଓ କାଠକୋଟ ଆଦି ଗ୍ରାମର ଦୁଗ୍ଧ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏ ନେଇ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦୁଗ୍ଧ ଚାଷୀ ନିବେଦନ କରିଛନ୍ତି।

## ସମ୍ଭାବ୍ୟ ବାତ୍ୟା ସୂଚନା ଦେଲା ପ୍ରଶାସନ

**ମହାକାଳପଡ଼ା,୨୦।୫ (ଡି.ଏନ.ଏ.)**

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ବାତ୍ୟା ୟାସ୍ ବ୍ୟାପକ କ୍ଷତି କରିବ ବୋଲି କୁହାଯାଇଛି। କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳରେ ପ୍ରଭାବିତ ହେବ ବୋଲି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଗୁରୁବାର ସୂଚନା ଦିଆଯାଇଛି। ବ୍ଲକ ଅଧୀନ ଜମ୍ବୁ, ଖାରନାଶି, ବତୀଘର, ତନ୍ତିଆପାଳ, ରାମନଗର ଆଦି ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ କୁହାଯାଇଛି। ଯେଉଁମାନେ ସମୁଦ୍ର ଭିତରେ ଅଛନ୍ତି ତୁରନ୍ତ କୂଳକୁ ଫେରି ଆସିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ବିଶେଷକରି ଅନେକ ସମୟରେ ମାଛ ଧରିବା ନିଶାରେ ସମୁଦ୍ର କୂଳିଆ ଅଞ୍ଚଳର ମତ୍ସ୍ୟଜୀବୀ ପ୍ରଶାସନର ଆଗୁଆ ସୂଚନାକୁ ବେଖାତିରି କରୁଥିବା କେତେଜଣ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି। ବାତ୍ୟା ଆଶଙ୍କାରେ ମତ୍ସ୍ୟଜୀବୀମାନେ ସତର୍କ ସୂଚନା ଅନୁସାରେ ନିଜ ନିଜ ବୋଟ୍ ଧରି ଜମ୍ବୁ ଫେରି ଘାଟ ଗୋବରୀ ନଦୀ କୂଳକୁ ଆସୁଥିବା ଦେଖିବାକୁ ମିଳିଛି।


ମତ୍ସ୍ୟଜୀବୀମାନେ ବାତ୍ୟା ସୂଚନା ପାଇବା ପରେ ଜମ୍ବୁ ଫେରିଘାଟ ଗୋବରୀ ନଦୀ କୂଳକୁ ସମୁଦ୍ରରୁ ବୋଟ୍‌କୁ ଆଣି ରଖୁଛନ୍ତି।

# ତଳିଆ ଅଞ୍ଚଳ ଲୋକଙ୍କ ସ୍ଥାନାନ୍ତର ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ,୨୦।୫**

କରୋନାର ମହାମାରୀ କବଳରେ ଜଗତ୍‌ସିଂହପୁର ଜିଲାବାସୀ ଘାଣ୍ଟି ହେଉଥିବାବେଳେ ବଙ୍ଗୋପସାଗରରେ ବାତ୍ୟା 'ୟାସ୍' ସୃଷ୍ଟି ହେଉଥିବା ଖବର ଚିନ୍ତାର କାରଣ ପାଲଟିଛି। ଏହି ବାତ୍ୟା ଓଡ଼ିଶା କିମ୍ବା ପଶ୍ଚିମବଙ୍ଗ ଉପକୂଳରେ ତାଣ୍ଡବ ରଚାଇ ପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ବାତ୍ୟାରେ ଜଗତ୍‌ସିଂହପୁର ଜିଲା ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳରୁ ଜନସାଧାରଣଙ୍କୁ କିପରି ସ୍ଥାନାନ୍ତର କରାଯାଇପାରିବ ତା'ଉପରେ ପ୍ରାଥମିକତା ଦିଆଯାଇଛି। କୋଭିଡ୍ ମହାମାରୀର ୨ୟ ଲହର ଓ ଲକ୍‌ଡାଉନକୁ ଦୃଷ୍ଟିରେ ରଖି କୋଭିଡ୍ ସଂକ୍ରମିତଙ୍କୁ ଅଲଗା ରଖିବାକୁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ସମସ୍ତ ବ୍ଲକକୁ ମାସ୍କ ଓ ପିପିଇ କିଟ୍ ପ୍ରଦାନ କରାଯିବ। ସ୍ଥାନାନ୍ତର ସମୟରେ ଗର୍ଭବତୀ ଓ ଭିନ୍ନକ୍ଷମଙ୍କ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ବିଡିଓମାନଙ୍କୁ ପରାମର୍ଶ ଦିଆଯାଇଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସ୍ୱାନ୍ ଭିସି ରୁମ୍‌ରେ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ସେ କହିଥିଲେ, ସ୍ଥାନାନ୍ତର ଲୋକଙ୍କୁ ମାସ୍କ, ସାନିଟାଇଜର, ପାନୀୟ ଜଳ, ବିସ୍କୁଟ, ଶିଶୁଙ୍କ ପାଇଁ ଛତୁଆ, ରନ୍ଧା ଖାଦ୍ୟ ଆଦି ଯୋଗାଇ ଦିଆଯିବ। ସ୍ୱତନ୍ତ୍ର ରିଲିଫ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ପରିମଳ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ଆଶ୍ରୟସ୍ଥଳଗୁଡିକ ଯେପରି ତୁରନ୍ତ ପ୍ରସ୍ତୁତ ରହିବ ସେନେଇ ପଦକ୍ଷେପ ନିଆଯିବ। ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୨ ତାରିଖ ପରେ ସମୁଦ୍ରକୁ ନ ଯିବା ପାଇଁ ବାରଣ କରାଯାଇଛି। ଏ ନେଇ ଚୌମୁହାଣୀ ଓ ଫିସିଂ ହାର୍‌ବର୍ ନିକଟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଛି। ଜିଲା ଜରୁରୀ ବିଭାଗ, ବ୍ଲକସ୍ତରରେ ଓ ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟାଳୟଗୁଡିକରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ସମସ୍ତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳରେ ଜେନେରେଟର, ଟାୱାର ଲାଇଟ୍, ମେକାନିକାଲ କଟର୍ସ ଓ ଅନ୍ୟାନ୍ୟ ଉପକରଣ ପ୍ରସ୍ତୁତ ରହିବ। ପ୍ରତ୍ୟେକ ଆଶ୍ରୟସ୍ଥଳରେ ୩ ଜଣ ଦାୟିତ୍ୱ ସମ୍ପନ୍ନ କର୍ମଚାରୀ ନିୟୋଜିତ ରହିବେ। ଆଶା, ଅଙ୍ଗନୱାଡି କର୍ମୀମାନେ ସନ୍ତାନ ଜନ୍ମ ଦେଇଥିବା ମହିଳା ଓ ଗର୍ଭବତୀଙ୍କୁ ସହାୟତା ପ୍ରଦାନ କରିବେ। ଆଶ୍ରୟସ୍ଥଳରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ରାସ୍ତା, ବିଦ୍ୟୁତ୍, ଟେଲିଫୋନ୍ ସେବାର ପୁନରୁଦ୍ଧାର ସାଙ୍ଗକୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ଦଳ ପ୍ରସ୍ତୁତ ରହିବେ। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ପାଇଁ ସଚେତନ କରାଯିବ। ସମସ୍ତ ସେଲ୍ଟରରେ ଫାଷ୍ଟ ଏଡ୍ କିଟ୍ ମହଜୁଦ ରହିବ। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସାମିଲ କରାଯିବ। ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ ଦଳ ପାରାଦୀପ, କୁଜଙ୍ଗ, ଏରସମା, ବାଲିକୁଦା ଓ ତିର୍ତ୍ତୋଲ ଅଞ୍ଚଳରେ ନିୟୋଜିତ ରହିବେ। ବିଡିଓମାନେ ଅତିରିକ୍ତ ଯାନ ବ୍ୟବହାର କରିପାରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ବିଡିଓ, ତହସିଲଦାର, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ସାମିଲ ହୋଇଥିଲେ।


ଭର୍ଚୁଆଲ ମାଧ୍ୟମରେ ହୋଇଥିବା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ବାତ୍ୟା 'ୟାସ୍' ଆଶଙ୍କାରେ ଜିଲା ପ୍ରଶାସନର ପ୍ରସ୍ତୁତି**

- ଗର୍ଭବତୀ, ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ
- ମତ୍ସ୍ୟଜୀବୀଙ୍କୁ ୨୨ ତାରିଖ ପରେ ସମୁଦ୍ର ଯିବା ମନା
- ଆଶ୍ରୟସ୍ଥଳରେ ଜେନେରେଟର, ଟାୱାର ଲାଇଟ୍ ଓ ଅନ୍ୟ ଉପକରଣ ପ୍ରସ୍ତୁତ ରହିବ

## ସଂକ୍ଷେପରେ

### କରୋନାରେ ପୁଣି ଜଣେ ଆଖି ବୁଜିଲେ

**ଦଶପଲ୍ଲା,୨୦।୫(ଡି.ଏନ.ଏ.):** ଦଶପଲ୍ଲାର ଶିଶୁ ସାହିତ୍ୟିକ ପ୍ରସନ୍ନ କୁମାର ହୋତାଙ୍କ ପୁଅ ନିହାର ରଞ୍ଜନଙ୍କ ଗୁରୁବାର କରୋନାରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଭୁବନେଶ୍ୱର ସତ୍ୟ ନଗର ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ଶେଷ କରାଯାଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି।

### ୩୮୨ କରୋନା ରୋଗୀ ଚିହ୍ନଟ

**ନୟାଗଡ଼ ଅଫିସ,୨୦।୫:** ଗୁରବାର ନୟାଗଡ଼ ଜିଲାରେ ୩୮୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୨୩୨ରେ ପହଞ୍ଚିଛି। ବୁଧବାର ରିପୋର୍ଟରେ ଭାପୁର ବ୍ଲକରେ ୩୭, ଦଶପଲ୍ଲା ବ୍ଲକରେ ୩୨, ଗଣିଆ ବ୍ଲକରେ ୧୧, ଖଣ୍ଡପଡା ବ୍ଲକରେ ୨୫, ନୟାଗଡ଼ ବ୍ଲକରେ ୯୮, ନୂଆଗାଁ ବ୍ଲକରେ ୩୬, ଓଡଗାଁ ବ୍ଲକ ୩୧, ରଣପୁର ବ୍ଲକ ୭୩, ନୟାଗଡ଼ ପୌରାଞ୍ଚଳରେ ୨୬ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ରଣପୁର ତହସିଲର ମୟୁରଝାଲିଆ, ଭାପୁର ତହସିଲର କଇଁଫୁଲିଆ ଉପରସାହି, ଦଶପଲ୍ଲା ତହସିଲ ଘୋଳାହାଣ୍ଡି ପଞ୍ଚାୟତ ଗୋବିନ୍ଦପୁରପାଟଣା ମୁଖ୍ୟ ରାସ୍ତା ଓ ନୂଆସାହିକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଗତ କିଛିଦିନ ହେବ ନୟାଗଡ଼ ଜିଲାର ବିଭିନ୍ନ ବ୍ଲକରେ କରୋନ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବା ପରେ ପ୍ରଶାସନର ଚିନ୍ତା ବଢ଼ିଛି।

# ଭତ୍ତା ମରୀଚିକା, ଆବାସ ସ୍ୱପ୍ନ

**ନୟାଗଡ଼ ଅଫିସ,୨୦।୫**

ଲୋକଦେଖାଣିଆ ସମୀକ୍ଷା ଚାଲିଛି। ସରକାରୀ ଯୋଜନାକୁ ନାଲିଫିତା ତଳେ ରଖି ଯୋଗ୍ୟ ହିତାଧିକାରୀଙ୍କୁ ହତାଶ କରାଯାଉଛି। ଭତ୍ତା ମିଳୁନାହିଁ କି ଆବାସ ଯୋଜନାରେ ଘର ନାହିଁ। ଏପରି ଘଟଣା ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ଗାଁରେ ଦେଖିବାକୁ ମିଳିଛି।


ଝିଅ ପୁଅଙ୍କ ସହ କବିତା

## ଭଙ୍ଗା କୁଡ଼ିଆରେ କବିତାଙ୍କ ପରିବାର

ଦିନ ଥିଲା, ଜାକେଡା ଗାଁର କବିତା ପ୍ରଧାନଙ୍କ ପରିବାର ହସଖୁସିରେ ଚଳୁଥିଲା। ସ୍ୱାମୀଙ୍କ ରୋଜଗାରରେ କବିତା ୩ ପୁଅ ଓ ୨ ଝିଅଙ୍କୁ ନେଇ ସଂସାର ରଥ ଆଗକୁ ଗଡ଼ାଇ ଚାଲିଥିଲେ। ହେଲେ ସେହି ଖୁସି ବେଶୀ ଦିନ ରହିଲା ନାହିଁ। କବିତାଙ୍କ ସ୍ୱାମୀ ନିଜ ପରିବାର ଛାଡି ଅନ୍ୟତ୍ର ବିବାହ କଲେ। କବିତାଙ୍କ ମୁଣ୍ଡରେ ବଜ୍ର ପଡ଼ିଲା। ଚାରିଆଡ଼ ଅନ୍ଧାର ଦିଶିଲା। ୬ ପ୍ରାଣୀ କୁଟୁମ୍ବ କିପରି ଚଳିବ ସେହି ଚିନ୍ତାରେ ସେ ଭାଙ୍ଗି ପଡିଲେ। ଯାହା କିଛି ଟଙ୍କା କବିତା ସଞ୍ଚୟ କରି ରଖିଥିଲେ ତାହା କିଛିଦିନ ଭୋକ ମେଣ୍ଟାଇଲା। ଶେଷରେ ଅନ୍ୟ କୌଣସି ଉପାୟ ନ ପାଇ ସେ ମୂଲ ଲାଗିବାକୁ ଘରୁ ଗୋଡ଼ କାଢ଼ିଲେ। ପିଲାଙ୍କ ମୁହଁରେ ଆହାର ମୁଠାଏ ଦେବା ପାଇଁ ନିଜ କଷ୍ଟକୁ ଭୁଲି ଯାଇଥିଲେ କବିତା। ଏମିତି କଟିଛି ୭ ବର୍ଷ। ନିଜ ପିଲାମାନଙ୍କୁ ମଣିଷ କରିବା ପାଇଁ କବିତା ଦିନରାତି ଏକାକାର କରି ଦେଇଛନ୍ତି। ସବୁଦିନ କାମ ମିଳୁନି। ସେଥିପାଇଁ ବହୁ ଥର ସେ ଭୋକିଲା ରହି ପିଲାମାନଙ୍କୁ ଖାଇବାକୁ ଦେଇଛନ୍ତି। ଏପରି ପରିସ୍ଥିତିରେ କବିତାଙ୍କ ଦୁଃଖ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ଆଖିରେ ପଡିନାହିଁ। ଆବାସ ଯୋଜନାରେ ଘରଟିଏ ପାଇଁ ସେ ଅନେକ ଥର ଆବେଦନ କରିଛନ୍ତି। ହେଲେ କିଛି ଲାଭ ହୋଇନାହିଁ। ଭତ୍ତା ଓ ରାଶନ କାର୍ଡ ପାଇଁ ସେ ସ୍ଥାନୀୟ ସରପଞ୍ଚ, ବିଡିଓ, ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଖଣ୍ଡେ ରାଶନ କାର୍ଡ ତାଙ୍କୁ ମିଳିଛି। ହେଲେ ଏଯାବତ୍ ତାଙ୍କୁ ନା ମିଳିଛି ଭତ୍ତା ନା ଆବାସ ଯୋଜନାରେ ଘର। କବିତା ନିରକ୍ଷର ଥିଲେ ବି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ବଡ଼ ଝିଅ ପଞ୍ଚମ, ସାନ ଝିଅ ତୃତୀୟ, ୨ପୁଅ ୨ୟ, ସାନ ପୁଅ ପ୍ରଥମ ଶ୍ରେଣୀରେ ପଢୁଛନ୍ତି। ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରିବାକୁ ଆଶା ବାନ୍ଧିଥିବା କବିତା ପାଇଁ ଏବେ ଆର୍ଥିକ ଅନଟନ ପ୍ରତିବନ୍ଧକ ସାଜିଛି।

# ଭାଙ୍ଗି ପଡ଼ିଥିବା ଗଛ ଡାଳ କଟାଗଲା

**ଖଣ୍ଡପଡା,୨୦।୫(ସ୍ୱ.ପ୍ର.)**

ଗତ ୩ ତାରିଖ କାଳବୈଶାଖୀରେ ଏକ ଅଶ୍ୱସ୍ତ ଗଛର ଡାଳ ଭାଙ୍ଗି ୫ ଗ୍ରାମବାସୀଙ୍କ ଛାତ ଉପରେ ପଡ଼ିଥିଲା। ଏ ସଂକ୍ରାନ୍ତରେ ବନବିଭାଗକୁ ଏକାଧିକ ଥର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଶେଷରେ ଗ୍ରାମବାସୀ ଏ ସଂକ୍ରାନ୍ତରେ ନୟାଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗୁରୁବାର ବନବିଭାଗ କର୍ମଚାରୀମାନେ ଭାଙ୍ଗିପଡିଥିବା ଗଛର ଡାଳଗୁଡିକୁ କାଟିଛନ୍ତି। ଏହାକୁ ନେଇ କଣ୍ଟିଲୋ ହାଟମୁଣ୍ଡପାଟଣା ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତ ୩ ତାରିଖ କାଳବୈଶାଖୀରେ ଅଶ୍ୱସ୍ତ ଗଛର ଡାଳ ପଡ଼ି ରାମଚନ୍ଦ୍ର ମହାପାତ୍ର, ସୁରେଶ ଚନ୍ଦ୍ର ମହାପାତ୍ର, ଲଡ୍ଡୁ କିଶୋର ମହାରଣା, ସନ୍ତୋଷ କୁମାର ସାହୁ ଓ ସତ୍ୟବାଦୀ ସାହୁଙ୍କ ଘର ଛାତ ଉପରେ ପଡି ବିପଦ ସୃଷ୍ଟି କରିଥିଲା। ଜିଲାପାଳ ଡ. ପୋମା ଟୁଡୁ ତୁରନ୍ତ ପଦକ୍ଷେପ ନେବାକୁ ବନଖଣ୍ଡ ଅଧିକାରୀ ଏଚ୍ଡି ଧନରାଜଙ୍କୁ ଜଣାଇବା ପରେ କଣ୍ଟିଲୋ ବନପାଳ ଶ୍ରୀନିବାସ ମହାପାତ୍ର ଓ ଜଲ୍ଲୀ ସାମଲଙ୍କ ତତ୍ତ୍ୱାବଧାନରେ ଡାଳଗୁଡିକୁ କଟାଯାଇଥିଲା।


ବିପଦସଙ୍କୁଳ ଅବସ୍ଥାରେ ଘର ଉପରେ ପଡ଼ିଥିବା ଗଛଡାଳ।

# କୋଭିଡ୍ ହସ୍ପିଟାଲରୁ ରୋଗୀ ନିଖୋଜ ଅଭିଯୋଗ

**ନୟାଗଡ଼ ଅଫିସ/ ରଣପୁର, ୨୦।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁରସ୍ଥିତ କୋଭିଡ୍ ହସ୍ପିଟାଲରୁ ଜଣେ କରୋନା ରୋଗୀ ଗୁରୁବାର ନିଖୋଜ ହୋଇ ଯାଇଥିବା ପରିବାର ପକ୍ଷରୁ ଚାନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଜିଲା ବାଣପୁର ଥାନା ଗମ୍ଭାରୀମୁଣ୍ଡାର ନମିତାରାଣୀ ଶତପଥୀଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ପ୍ରଦୀପ୍ତ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ବୁଧବାର ରାତି ୧୧ଟାରେ ସରକାରଙ୍କ ଆମ୍ବୁଲାନ୍ସରେ ତାଙ୍କୁ ଅଣାଯାଇ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲର ୱାର୍ଡ ନଂ.୨ ବେଡ୍ ୪୩ରେ ସେ ଥିଲେ। ଗୁରୁବାର ନମିତା ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସ୍ୱାମୀଙ୍କ ବିଷୟରେ ପଚାରିବାରୁ ପ୍ରଦୀପ୍ତ ନିଖୋଜ ଥିବା ହସ୍ପିଟାଲ ପକ୍ଷରୁ ସଫେଇ ଦିଆଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ବହୁ ଖୋଜା ଖୋଜି ପରେ ମଧ ପ୍ରଦୀପ୍ତଙ୍କ ଟେର ପାଇ ନ ଥିବା କହିଛନ୍ତି ।

### ବ୍ରାଉନସୁଗାର ଜବତ,୨ ଗିରଫ

**ନୟାଗଡ଼ ଅଫିସ,୨୦।୫:** ନୂଆଗାଁ ଥାନା ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ତୃପ୍ତି ହୋଟେଲ ନିକଟରୁ ୨ ବାଇକ୍(ନଂ.ଓଡି୦୨ବିଏ୭୬୯୮ ଓ ଓଡି୨୫ଜେ ୫୦୯୧) ସହ ଦୁଇ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ପୋଲିସ ନୟାଗଡ ବସଷ୍ଟାଣ୍ଡ ଅଞ୍ଚଳର ରାମଚନ୍ଦ୍ର ପଟ୍ଟନାୟକ ଓ ଖୋର୍ଦ୍ଧା ଆଦର୍ଶ ଥାନା ବାସେଲିସାହିର ମନୋଜ କୁମାର ଦଳେଇଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା(ନଂ.୬୪/୨୧) ରୁଜୁ ହୋଇଛି।

### ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୦।୫:** ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଛାତ୍ରୀଙ୍କର ଏମ୍‌କେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ମାଲି ଢେପାଗୁଡ଼ା ଗ୍ରାମର ଭାରତୀ ନାଗ (୧୮)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୨୫୦ /୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କହିଛି। ଘଟଣାରୁ ପ୍ରକାଶ, ଭାରତୀ ଯୁକ୍ତ ୩ ଶ୍ରେଣୀର ଛାତ୍ରୀ। ଗତ ୮ ତାରିଖରେ ଘର ପାଖକୁ ଜଣେ ଯୁବକ ଆସି ତାଙ୍କୁ ପ୍ରେମ କରୁଛି ବୋଲି କହିବା ସହ ବିବାହ ପାଇଁ ଜିଦ୍ ଧରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ଭାରତୀ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିଷମକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ମୃତ୍ୟୁ ଘଟିଛି।

### ସମବାୟ ଅଧିକାରୀଙ୍କ ମୃତ୍ୟୁ

**ବୁଗୁଡ଼ା,୨୦।୫(ଡି.ଏନ.ଏ.):** କରୋନା ଦ୍ୱିତୀୟ ଲହର ମୃତ୍ୟୁର ତାଣ୍ଡବ ରଚାଇ ଚାଲିଥିବା ବେଳେ ଏହାର ଶିକାର ହୋଇଛନ୍ତି ଜଣେ ବ୍ୟାଙ୍କ ଅଧିକାରୀ। ୧୫ ଦିନ ସଂଗ୍ରାମ ପରେ ଶେଷରେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ଆସିକା ସମବାୟ ବ୍ୟାଙ୍କ ଆସ୍କା ଓ ବୁଗୁଡ଼ା ଶାଖା ପ୍ରଶାସନିକ ଅଞ୍ଚଳ ଅଧିକାରୀ ଲକ୍ଷ୍ମୀ ନୃସିଂହ ବେହେରା (୫୨)। ସେ ଗତ ୨ ତାରିଖରେ କରୋନା ଆକ୍ରାନ୍ତ ଜଣାପଡିବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

# ଆଶ୍ରୟସ୍ଥଳରେ ପାଳନ ହେଉନି କୋଭିଡ୍ ଗାଇଡ୍ ଲାଇନ

**ବ୍ରହ୍ମପୁର ଅଫିସ,୨୦।୫**

ସହରାଞ୍ଚଳର ବାସହୀନଙ୍କୁ ଆଶ୍ରୟ ଦେବା ଲାଗି ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ରୋଡ଼ ସ୍ଥିତ ପାୟଲ୍ ସିନେମା ହଲ୍ ସମ୍ମୁଖରେ ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଇଛି। ଏହି ଆଶ୍ରୟ ସ୍ଥଳୀରେ ବର୍ତ୍ତମାନ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଅନୁକରଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଲକ୍‌ଡାଉନ ସମୟରେ ବହୁ ବାସହୀନ ନିଜ ରୋଜଗାର ହରାଇ ଏଠାରେ ମୁଣ୍ଡ ଗୁଞ୍ଜିଛନ୍ତି। ବର୍ତ୍ତମାନ ଏଠାରେ ପ୍ରାୟ ୩୦ ଜଣ ପୁରୁଷ ରହୁଛନ୍ତି। କିନ୍ତୁ ଏଠାରେ ରହୁଥିବା ବାସହୀନଙ୍କ ମଧ୍ୟରେ କୌଣସି ସାମାଜିକ ଦୂରତା ରହୁ ନ ଥିବା ବେଳେ ମାସ୍କ କିମ୍ବା ଅନ୍ୟାନ୍ୟ କୋଭିଡ୍ ଗାଇଡ୍ ଲାଇନ୍ ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ଏପରିକି ସେଠାରେ ଥିବା ବାସହୀନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉ ନାହିଁ। ଏଠାରେ ୬୦ ଶଯ୍ୟା ବିଶିଷ୍ଟ ୪ କୋଠରି ରହିଛି। କୋଠରି ଗୁଡ଼ିକରେ ସାନିଟାଇଜ୍ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଶଯ୍ୟାଗୁଡ଼ିକରେ ମଧ ସାମାଜିକ ଦୂରତା ରହୁ ନାହିଁ। ଯାହାକି ଆଶ୍ରୟସ୍ଥଳୀରେ କୋଭିଡ୍ ସଂକ୍ରମଣ ଆଶଙ୍କା ବୃଦ୍ଧି କରିଛି। ଆଶ୍ରୟ ସ୍ଥଳୀରେ ବାସହୀନ ବ୍ୟକ୍ତିଙ୍କୁ ସକାଳ ଓ ସନ୍ଧ୍ୟାରେ ରନ୍ଧାଖାଦ୍ୟ ଦିଆଯାଉଛି। ଖାଦ୍ୟ ପଦାର୍ଥ ପ୍ରଦାନ ସମୟରେ ମଧ କୌଣସି ଗାଇଡ୍‌ଲାଇନ୍ ଅନୁକରଣ କରାଯାଉ ନାହିଁ। ବିଶେଷ କରି ଏଠାରେ ହୋଟେଲ, ବିଭିନ୍ନ ଗ୍ୟାରେଜ୍ ଓ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ରହିଛନ୍ତି। ତେବେ କରୋନା ଯୋଗୁ ବର୍ତ୍ତମାନ ଏଠାରେ



ବିଏମ୍‌ସିର ଆଶ୍ରୟସ୍ଥଳ।

ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଲୋକ ଆଶ୍ରୟ ନେଇଛନ୍ତି। ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ନିୟମ କଡ଼ାକଡ଼ି କରାଯାଉ ନାହିଁ। ଏଣୁ ଆଶ୍ରୟସ୍ଥଳୀରେ କୋଭିଡ୍ ନିୟମ କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି। ଏ ନେଇ ଏନ୍‌ୟୁଏଲ୍‌ଏମ୍ (ଜାତୀୟ ସହରାଞ୍ଚଳ ଜୀବିକା ମିଶନ) ମ୍ୟାନେଜର ରାଜୀବ କୁମାର ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ତ୍ତମାନ କୋଭିଡ୍ ସମୟରେ କୌଣସି ବାହାର ଲୋକଙ୍କୁ ରଖାଯାଉ ନାହିଁ। କେବଳ ପୂର୍ବରୁ ଥିବା କିଛି ଲୋକ ହିଁ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା ୯ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ବର୍ତ୍ତମାନ ଯେଉଁମାନେ ଆସିବେ ସେମାନଙ୍କ ପାଇଁ ଆଧାର କାର୍ଡ ଏବଂ କୋଭିଡ୍ ରିପୋର୍ଟକୁ ବାଧ୍ୟତାମୂଳକ କରାଯାଇଛି।

ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ୨୦୧୮ ଡିସେମ୍ବର ୧ରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଆଶ୍ରୟସ୍ଥଳୀ ନିର୍ମିତ ହୋଇଥିଲା। ଜାତୀୟ ସହରାଞ୍ଚଳ ଜୀବିକା ମିଶନ୍(ଏନ୍‌ୟୁଏଲ୍‌ଏମ୍) ଅଧୀନରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ଏହା ପରିଚାଳିତ ହେଉଥିଲା। କିନ୍ତୁ ଗତବର୍ଷ ଡିସେମ୍ବରରେ ଉକ୍ତ ସଂସ୍ଥାର କାର୍ଯ୍ୟକାଳ ଶେଷ ହେବା ପରେ ବର୍ତ୍ତମାନ ବ୍ରହ୍ମପୁର ମହାନଗର ନିଗମ ଏହାର ସମସ୍ତ ପରିଚାଳନା ଦାୟିତ୍ୱ ବହନ କରୁଛି। ତେବେ ବିଏମ୍‌ସି ପକ୍ଷରୁ ଆଶ୍ରୟସ୍ଥଳୀରେ ଥିବା କୋଠରିକୁ ସାନିଟାଇଜ୍ କରିବା ସହ ସମସ୍ତ କୋଭିଡ୍ ଗାଇଡ୍‌ଲାଇନ୍‌କୁ ପାଳନ କରାଗଲେ ସଂକ୍ରମଣ ଆଶଙ୍କା ଦୂରୀଭୂତ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ତହସିଲଦାର, ଏସ୍‌ଆଇଙ୍କୁ ଆକ୍ରମଣ: ୩ ଗିରଫ

**ଆର.ଉଦୟଗିରି,୨୦।୫(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ତହସିଲଦାର ଏବଂ ଏସ୍‌ଆଇଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ୩ ଅଭିଯୁକ୍ତଙ୍କୁ ଚନ୍ଦ୍ରଗିରି ଜଙ୍ଗଲରୁ ଗିରଫ କରାଯାଇଛି। ଆର.ଉଦୟଗିରି ଥାନା ଛେଲିଗଡ଼ ଗ୍ରାମରେ ଚଳିତ ମାସ ୭ ତାରିଖ ରାତିରେ ବିବାହ ଶୋଭାଯାତ୍ରା ହେଉଥିବା ଖବର ପାଇ ପ୍ରଶାସନିକ ଅଧିକାରମାନେ କୋଭିଡ୍ ନିୟମ ପାଳନ କରିବାକୁ କହିବାରୁ ଏଥିରେ ସାମିଲ ଥିବା ବ୍ୟକ୍ତିମାନେ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଓ ଥାନା ଏସ୍‌ଆଇ ମୁକେଶ ଲାକ୍ରାଙ୍କୁ ଆକ୍ରମଣ କରିଥିଲେ। ପୂର୍ବରୁ ଏଥିରେ ୪ ଗିରଫ ହୋଇଥିବା ବେଳେ ବରକନ୍ୟାଙ୍କ ପିତା ଥାନାରେ ଆତ୍ମସମର୍ପଣ କରିଥିଲେ।

# ପ୍ରେମିକଙ୍କୁ ପିଟିଲେ ପ୍ରେମିକାଙ୍କ ବାପା, ଦାଦା

**ବ୍ରହ୍ମପୁର ଅଫିସ,୨୦।୫**

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଏକ ଲଜ୍ ନିକଟରେ ଗୁରୁବାର ମଧ୍ୟାହ୍ନରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ସହିତ ସେଠାରେ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ ଯୁବତୀଙ୍କ ବାପା ଓ ଦାଦା ସେହି ରାସ୍ତା ଦେଇ ଯାଉଥିବା ବେଳେ ଜଣେ ଯୁବକ ସହିତ ଝିଅ ଛିଡ଼ା ହୋଇଥିବା ଦେଖି ସେମାନେ ରାଗି ଯାଇଥିଲେ। ସେମାନେ ସେଠାରେ ସମ୍ପୃକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିଥିଲା। ବାପା, ଦାଦାଙ୍କ ମାଡ଼ରେ ପ୍ରେମିକ ଗୁରୁତର ହୋଇଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି କହିଛି।


**Office of District Manager**
**ODISHA STATE CIVIL SUPPLIES CORPORATION LTD. (OSCSC)**
Cuttack (District) Phone : 0671-2507744
District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd, Cuttack


# କୋଭିଡ୍ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସୁବିଧା ମିଳୁ

**ବ୍ରହ୍ମପୁର ଅଫିସ,୨୦।୫**

କୋଭିଡ୍ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସିପିଆଇଏମ୍ ପକ୍ଷରୁ ଦାବି ହୋଇଛି। ଏ ନେଇ ଗୁରୁବାର ଆସ୍କୁଲି, କୁମ୍ଭାରପଲି ଓ ହିଲ୍‌ପାଟଣା ଆଦି ଅଞ୍ଚଳରେ ସିପିଆଇଏମ୍ ପକ୍ଷରୁ ପ୍ରତିବାଦ କରାଯାଥିଲା। ଏଥିସହ କରୋନା ସମୟରେ ବିଜୁଳି ଓ ପାଣି ବିଲ୍ ଛାଡ଼, ସମସ୍ତ ପରିବାରଙ୍କୁ ମୁଣ୍ଡପିଛା ୧୦ କେଜି ଚାଉଳ ଓ ଗହମ, ଆୟକର ସୀମା ବାହାରେ ଥିବା



ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସିପିଆଇଏମ୍‌ର ଦାବି

ପରିବାରଙ୍କ ଜମା ଖାତାକୁ ମାସିକ ୭୫୦୦ ଟଙ୍କା ଲେଖାଏ ପ୍ରଦାନ ଓ ମହାମାରୀ ସମୟରେ ଛଟେଇ ଏବଂ ଦରମା କାଟ ବନ୍ଦ କରିବା ପାଇଁ ଦଳ ଦାବି କରିଛି। ଏହି ପ୍ରତିବାଦରେ ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ଗୋପାଳ ପାଣିଗ୍ରାହୀ, ବାବୁଲା ନାୟକ, ଶିବ ପ୍ରସାଦ ମହାପାତ୍ର, ବୈକୁଣ୍ଠ ସାହୁ, ଶ୍ରୀନିବାସ ଦାସ ଓ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


Odisha Coal and Power Limited OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha., Tel No: 0674-2300654 /2300664

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: a.kanungo@ocpl.org.in.

Sd./- Addl. General Manager (C&CA)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ମେ, ୨୦୨୧

## ଗଳାବାଟରେ ଆସୁଛନ୍ତି ଆନ୍ଧ୍ର ଲୋକ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପୁରୁଣାପାଟଣା ନାକା ପଏଣ୍ଟ ପାଖରେ ପାରଳାଖେମୁଣ୍ଡି ଆସିବା ପାଇଁ ଅନେକ ଗଳାବାଟ ରହିଛି। ଏହି ବାଟରେ ଆନ୍ଧ୍ରପ୍ରଦେଶରୁ ବହୁ ଲୋକ ଅବାଧରେ ପଶି ଆସୁଥିବା ଦେଖାଯାଉଛି। ସୂଚନାଯୋଗ୍ୟ, ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ତରଫରୁ ପୋଡସି ଆନ୍ଧ୍ରକୁ ସଂଯୋଗ କରୁଥିବା ସମସ୍ତ ନାକା ପଏଣ୍ଟଗୁଡ଼ିକ ସିଲ୍ କରାଯାଇଛି। ଆନ୍ଧ୍ରର ପୁରୁଣାପାଟଣା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଏକ ନାକା ପଏଣ୍ଟ ମଧ କରାଯାଇଛି। କିନ୍ତୁ ଏହାର ଚାରିପଟେ ଅନେକ ଗଳାବାଟ ରହିଥିବାରୁ ଲୋକେ ଅନାୟସରେ ଯା'ଆସ କରୁଛନ୍ତି। ଏ ସମ୍ପର୍କରେ ସେଠାରେ କାର୍ଯ୍ୟରତ ପୋଲିସ ଅଧିକାରୀଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଯାଇଛି। ସେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ରୋଗୀଙ୍କ ମନୋବଳ ବଢ଼ାଉଛନ୍ତି ଡାକ୍ତର

**ସୋରଡା,୨୦।୫(ଡି.ଏନ୍.ଏ.)**
କରୋନା ଲକ୍ଷଣ ପ୍ରକାଶ ପାଇଲେ ଅଧିକାଂଶ ଲୋକେ ତାହାକୁ ଲୁଚାଇ ଡାକ୍ତରଖାନାକୁ ନ ଯାଇ ଶେଷରେ ବିପଦରେ ପଡୁଛନ୍ତି। ଏଭଳି ସମୟରେ ସୋରଡା ସରକାରୀ ଡାକ୍ତରଖାନାର ଡାକ୍ତର ସନ୍ତୋଷ କୁମାର ପଣ୍ଡା ଓ ତାଙ୍କ ଟିମ୍ ମାନସିକ ଭାବେ ଭାଙ୍ଗିପଡୁଥିବା ଜ୍ୱର, ଥଣ୍ଡା, କଫ, କାଶ ରୋଗୀଙ୍କ ଉତ୍ତମ ଚିକିତ୍ସା ସହ ବାର୍ତ୍ତାଳାପ ମାଧ୍ୟମରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ମନୋବଳ ଦୃଢ଼ କରିବାକୁ ପ୍ରୟାସ ଚଳାଇଛନ୍ତି। ଜ୍ୱର ହେଲେ ଭୟ କରନ୍ତୁ ନାହିଁ। ଏଠାରେ ଥିବା କୋଭିଡ୍ କେୟାର ସେଣ୍ଟରକୁ ଆସନ୍ତୁ ବୋଲି ଡାକ୍ତର ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ଗର୍ଭବତୀ ଓ ନବଜାତକଙ୍କ ସହ ପ୍ରସୂତିଙ୍କ ସେବା ମଧ ଚାଲିଛି। ଡାକ୍ତରଖାନାରେ ସମସ୍ତ ସେବା ପ୍ରଦାନ ପାଇଁ ଆମ ଟିମ୍ ଯଥାସାଧ ଚେଷ୍ଟା ଜାରି ରଖିବ ବୋଲି ଡାକ୍ତର କହିଛନ୍ତି।

### ୩ ଦୋକାନ ସିଲ୍, ତିନି ଗଣିଲେ ଜରିମାନା

**ବୁଗୁଡ଼ା,୨୦।୫(ଡି.ଏନ.ଏ.):** କରୋନାର ଦ୍ୱିତୀୟ ଲହର ଅତି ଭୟଙ୍କର ଥିବାରୁ ତାହାର ମୁକାବିଲା ପାଇଁ ସରକାର ଲକଡାଉନ୍ ଓ ଶଟଡାଉନ୍ ବ୍ୟବସ୍ଥା ଲାଗୁ କରିଥିଲେ ହେଁ କେତେକ ବ୍ୟବସାୟୀ ଏହାକୁ ଅଣଦେଖା କରି ବେପାର କରୁଥିବା ଜଣାପଡିଛି। ଗୁରୁବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଦୁଇଟି ଚପଲ ଦୋକାନ ଓ ଗୋଟିଏ ସୁନା ଦୋକାନକୁ ସାତ ଦିନ ପାଇଁ ସିଲ୍ କରାଯାଇଛି। ସେହିପରି ଦୁଇଟି ଲୁଗା ଦୋକାନ ଓ ଗୋଟିଏ ଷ୍ଟେସନେରି ଦୋକାନ ମାଲିକଙ୍କଠାରୁ ୨୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ନୋଡାଲ୍ ଅଧିକାରୀ କାଳୁ ଚରଣ ରଥ ଓ କନିଷ୍ଠ ଯନ୍ତ୍ରୀ ରୋଶନ୍ କୁମାର ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ୍ ଥିଲେ।

### ୨ ବାଲ୍ୟବିବାହ ରୋକିଲା ପ୍ରଶାସନ

**ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.):** କାଶୀନଗର ବ୍ଲକ କେ.ସୀତାପୁର ଗ୍ରାମରେ ହେବାକୁ ଥିବା ୨ଟି ବାଲ୍ୟବିବାହକୁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ଚାଇଲ୍ଡ ଲାଇନକୁ ସୂଚନା ମିଳିଥିଲା। କାଶୀନଗର ବାଲ୍ୟବିବାହ ନିଷେଧ ଅଧିକାରିଣୀ କନକଲତା ପୂଜାରୀ ଏହି ଖବର ପାଇବା ପରେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହାପରେ ଶିଶୁ କଲ୍ୟାଣ ସମିତିର ସଦସ୍ୟା ଅଳକା ସାହୁ, ଆଇସିଡିଏସ ସୁପରଭାଇଜର୍ ରୀନା କୁମାରୀ ବେହେରା, କାଶୀନଗର ଥାନା ଏସଆଇ ରତ୍ନନିଧି ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ ଉକ୍ତ ଗ୍ରାମକୁ ଯାଇ ୨ ନାବାଳିକାଙ୍କ ବିବାହ ରୋକିଥିଲେ। ନାବାଳିକାମାନଙ୍କର ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରି ସେମାନଙ୍କ ଅଭିଭାବକମାନଙ୍କୁ ବାଲ୍ୟବିବାହର କୁପ୍ରଭାବ ଉପରେ ବୁଝାଇଥିଲେ। ଝିଅକୁ ୧୮ ବର୍ଷ ପୂରଣ ନହେବା ଯାଏ ବିବାହ କରାଇବେ ନାହିଁ ବୋଲି ଅଭିଭାବକମାନେ ଲିଖିତ ଭାବେ ଜଣାଇଛନ୍ତି।

### ଧରାପଡ଼ିଲେ ଲୁଟେରା ଗ୍ୟାଙ୍ଗ

**ବାଲିଗୁଡା,୨୦।୫(ଡି.ଏନ.ଏ.):** କନ୍ଧମାଳ ଜିଲାର ତୁମୁଡ଼ିବନ୍ଧ ଓ ଅନ୍ୟ ଥାନା ଅଞ୍ଚଳ ସମେତ ୫୯ନଂ.ଜାତୀୟ ରାଜପଥରେ ଡକାୟତି କରୁଥିବା ଏକ ଗ୍ୟାଙ୍ଗ ଧରାପଡ଼ିଛନ୍ତି। ତୁମୁଡ଼ିବନ୍ଧସ୍ଥିତ ଏକ ବିଦେଶୀ ମଦ ଦୋକାନରୁ ଏହି ଗ୍ୟାଙ୍ଗ ୬ଲକ୍ଷ ଟଙ୍କାର ମଦ ଲୁଟିବା ପରେ ପୋଲିସ ଆରମ୍ଭ କରିଥିଲା ଷ୍ଟିଙ୍ଗ ଅପରେଶନ। ପୋଲିସ ଜାଣି ସାରିଥିଲା ଯେ ଏଥିରେ ଯୁବ ଲୁଟେରାମାନେ ସମ୍ପୃକ୍ତ ଅଛନ୍ତି। ବାଲିଗୁଡ଼ା ଏସ୍‌ଡିପିଓ ମନୋଜ କୁମାର ପୂଜାରୀ ଏହି ଅପରେଶନର ମଙ୍ଗ ଧରିଥିଲେ। ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚିବା ପାଇଁ ଜଣେ ମହିଳାଙ୍କ ସହାୟତା ନିଆଯାଇଥିଲା। ଅଭିଯୁକ୍ତମାନେ ମୋବାଇଲ, ଡ୍ରେସ, ଗାଡି ଓ ଝିଅମାନଙ୍କୁ ପ୍ରେମ ଜାଲରେ ଫସାଇବାକୁ ଦରକାର ହେଉଥିବା ଟଙ୍କା ପାଇଁ ଲୁଟ କରୁଥିଲେ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଏହି ଲୁଟେରା ଗ୍ୟାଙ୍ଗରେ କେବଳ ୧୦ ଜଣ ନୁହନ୍ତି, ଆହୁରି ଯୁବକ ରହିଥିବା ପୋଲିସ ନିକଟରେ ତଥ୍ୟ ରହିଛି। ସେମାନେ ମୁଖ୍ୟତଃ ତୁମୁଡିବନ୍ଧ, ବାଲିଗୁଡ଼ା, କଳାହାଣ୍ଡି ଓ ରାମପୁର ଥାନା ଅଞ୍ଚଳରେ ଲୁଟ କରି ସ୍ଥାନ ବଦଳାଉଥିଲେ।

# ଛତ୍ରପୁର କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର

**ଛତ୍ରପୁର,୨୦।୫(ଡି.ଏନ.ଏ)**

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଏବେ ସେଠାରେ ୧୦ ଜଣ କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି। ଛତ୍ରପୁର ହସ୍ପିଟାଲରେ ମାଇଲ୍ଡ ଲକ୍ଷଣ ଥିବା କରୋନା ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଛତ୍ରପୁର ଏନ୍ଏସି ଓ ବ୍ଲକ ଅଞ୍ଚଳରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିନ୍ତା ବଢିଛି। ମହାବିଦ୍ୟାଳୟରେ ଖୋଲିଥିବା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ଟି ଶଯ୍ୟା ରହିଛି। ସେଥିମଧ୍ୟରୁ ୧୫ଟି ଶଯ୍ୟାରେ ଅକ୍ସିଜେନ୍ ସୁବିଧା ଅଛି। ୩ ଜଣ ଆୟୁଷ ଡାକ୍ତର ଓ ୩ ଏମ୍‌ବିବିଏସ୍ ଡାକ୍ତର, ୬ ଜଣ ଷ୍ଟାଫ୍ ନର୍ସ, ୩ ଜଣ ଫାର୍ମାସିଷ୍ଟ, ୩ ଜଣ ଆଟେନାଣ୍ଟ ଓ ୩ ସୁରକ୍ଷାକର୍ମୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ଡାକ୍ତରମାନେ ଡିଆରଡିଏ ଗେଷ୍ଟ ହାଉସରେ ରହୁଥିବାବେଳେ ଅନ୍ୟ ଷ୍ଟାଫ୍‌ମାନେ ମହାବିଦ୍ୟାଳୟ ପରିସରରେ ରହୁଛନ୍ତି। ଏମାନଙ୍କ ରହିବା, ଖାଇବା ଆଦି ସୁବିଧା କରାଯାଇଛି। ଏହି ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କୁ ନୋଡାଲ ପ୍ରଶାସନିକ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଡା. ଏସ୍. ସୀତାରାମ ନୋଡାଲ ମେଡିକାଲ ଅଫିସର ଓ ଛତ୍ରପୁର ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା ହସ୍ପିଟାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଛତ୍ରପୁର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କରୋନା ରୋଗୀଙ୍କ ସମ୍ପର୍କୀୟଙ୍କ ସୁବିଧା ପାଇଁ ହେଲ୍ପ ଲାଇନ୍ ନମ୍ବର ୯୪୩୮୫୪୩୪୯୦ ଜାରି କରାଯାଇଛି। ଏଥିସହ ରୋଗୀ ନେବା ଆଣିବା ପାଇଁ ଗୋଟିଏ ଏବଂ ଅକ୍ସିଜେନ୍ ଭର୍ତ୍ତି କରି ଆଣିବା ପାଇଁ ଆଉ ଗୋଟିଏ ଏପରି ଦୁଇଟି ଆମ୍ବୁଲାନ୍ସ ରହିଥିବା ହସ୍ପିଟାଲ ମ୍ୟାନେଜର ପଣ୍ଡା କହିଛନ୍ତି। ସେ କହିଛନ୍ତି, କରୋନା ମାଇଲ୍ଡ ତଥା ସନ୍ଦିଗ୍ଧଙ୍କ ଚିକିତ୍ସା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ୧୦ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ୫ଟିରେ ଅକ୍ସିଜେନ୍ ସୁବିଧା ରହିଛି। ଯେଉଁବ୍ୟକ୍ତିଙ୍କ ଅକ୍ସିଜେନ୍‌ସ୍ତର ୯୦ରୁ ୯୫ ରହୁଛି ସେମାନଙ୍କୁ ଛତ୍ରପୁର ହସ୍ପିଟାଲ, ଅକ୍ସିଜେନ୍ ସ୍ତର ୯୦ ତଳକୁ ଥିବା କରୋନା ରୋଗୀଙ୍କୁ ମହାବିଦ୍ୟାଳୟ ପରିସରରେ ଥିବା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଯାହାର ୬୦-୭୦ ତଳକୁ ଅକ୍ସିଜେନ୍‌ସ୍ତର ରହୁଛି ତାଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଉଛି।

## ଉପଖଣ୍ଡ ଚିକିତ୍ସାଳୟରେ ହେବ ଅକ୍ସିଜେନ୍ ପ୍ଲାଣ୍ଟ


ଜିଲାପାଳଙ୍କ ଉପସ୍ଥିତିରେ ସ୍ଥାନ ଚୟନ କରାଯାଉଛି।

ରାଜ୍ୟର ୪୦ଟି ସ୍ଥାନରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିମଧ୍ୟରେ ଛତ୍ରପୁର ହସ୍ପିଟାଲ ରହିଛି। ଗୁରୁବାର ବ୍ରହ୍ମପୁର ଏମ୍‌କେସିଜି ପରିସରରେ ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ଛତ୍ରପୁର ହସ୍ପିଟାଲରେ ପ୍ଲାଣ୍ଟ ସ୍ଥାପନ ହେଲେ ଏହା ଜିଲାରେ ଦ୍ୱିତୀୟ ହେବ। ଏ ନେଇ ବିସ୍ତୃତ ରିପୋର୍ଟ ଦେବାକୁ ଜିଲାପାଳଙ୍କ ନିକଟକୁ ଚିଠି ଆସିଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଛତ୍ରପୁର ହସ୍ପିଟାଲରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ସ୍ଥାନ ଚୟନ କରାଯାଇଛି। ୨୦ କିଲୋ ଲିଟର ବିଶିଷ୍ଟ ଉକ୍ତ ପ୍ଲାଣ୍ଟ ୧୪ ମିଟର-୯ ମିଟର ସ୍ଥାନରେ ସ୍ଥାପନ ହେବ। ପ୍ଲାଣ୍ଟରୁ ଅକ୍ସିଜେନ୍ ପାଇପ ଯୋଗେ ହସ୍ପିଟାଲରେ ରୋଗୀଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସ୍ଥାନ ଚୟନ ସମୟରେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ରାସ୍ତା ଓ କୋଠାବାଡି ବିଭାଗ-୨ର ନିର୍ବାହୀଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ ଓ ସହକାରୀ ଯନ୍ତ୍ରୀ ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସାନ ପରେ କରୋନାରେ ବଡ଼ଭାଇ ମୃତ

**ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.)**

ସାନଭାଇର ଅନ୍ତ୍ୟେଷ୍ଟିକ୍ରିୟା ନ ସରୁଣୁ ବଡ଼ଭାଇଙ୍କ କରୋନାରେ ମୃତ୍ୟୁ ଘଟିଛି। ପାରଳାଖେମୁଣ୍ଡି ରାଜଦାଣ୍ଡ ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ୯ଦିନ ମଧ୍ୟରେ କରୋନାରେ ୨ ଭାଇଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ରାଜଦାଣ୍ଡ ସାହିର ନାଗେଶ୍ୱର ପ୍ରସାଦ ପାଣିଗ୍ରାହୀ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ଗତ ୧୦ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ଠିକ ୯ ଦିନରେ ଅର୍ଥାତ୍ ବୁଧବାର ସେହି ହସ୍ପିଟାଲରେ ନାଗେଶ୍ୱରଙ୍କ ବଡ଼ଭାଇ ତଥା ଖଣି ଓ ସୁରକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀଙ୍କ ଦେହାନ୍ତ ହୋଇଛି। ନିଜର ଦୁଇ ଭାଇଙ୍କ ବିୟୋଗରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାଣିଗ୍ରାହୀ ମର୍ମାହତ ହୋଇଛନ୍ତି। ବାର ଆସୋସିଏଶନର ସଭାପତି ରାମନାଥ ମିଶ୍ର, ସମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନାଦି ପାଣିଗ୍ରାହୀ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ


ଛତ୍ରପୁର ଅଗ୍ନିଶମ କେନ୍ଦ୍ରରେ ଆସ୍କା ଲାଇଟ୍ ଆଦି ବିଭିନ୍ନ ସରଞ୍ଜାମର ଯାଞ୍ଚ ଚାଲିଛି।

**ଛତ୍ରପୁର,୨୦।୫(ଡି.ଏନ.ଏ)**

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ୟାସ୍ ଓ କୋଭିଡ୍‌ର ମୁକାବିଲା ନେଇ ଗୁରୁବାର ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଭିଡିଓ କନଫରେନ୍ସରେ ଏକ ବୈଠକ କରାଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବିଡିଓ, ଏନଏସି ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଯୋଡ଼ି ହୋଇଥିଲେ। ବୈଠକ ପରେ ଜିଲାପାଳ କହିଛନ୍ତି, କୋଭିଡ୍ ଓ ବାତ୍ୟା ମୁକାବିଲା ୨ଟି ଚ୍ୟାଲେଞ୍ଜ ରହିଛି। ଯେଉଁ ସ୍ଥାନରେ ବାତ୍ୟାର ପ୍ରଭାବ ରହୁଛି ତାହାର ଅନୁଧ୍ୟାନ ଚାଲିଛି। ଗଞ୍ଜାମ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ବିଡିଓ, ଏନଏସି ନିର୍ବାହୀ ଅଧିକାରୀ ଓ ଅନ୍ୟମାନଙ୍କ ସହ ବାତ୍ୟାର ମୁକାବିଲା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ଲାନ୍ ପ୍ରସ୍ତୁତ କରିବାକୁ ବିଡିଓ, ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଚ୍ଚା ଘରେ କେତେ ଲୋକ ରହିଛନ୍ତି, ସମ୍ବେଦନଶୀଳ ଗ୍ରୁପ ତଥା କେତେ ଜଣ ଗର୍ଭବତୀ, ଶିଶୁ ଓ ବରିଷ୍ଠ ନାଗରିକ ଅଛନ୍ତି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ଯେଉଁଭଳି ନିର୍ଦ୍ଦେଶ ଆସିବ ସେହିପରି କାର୍ଯ୍ୟ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ଓଡ୍ରାଫ୍, ଅଗ୍ନିଶମ ବିଭାଗକୁ ଆଲର୍ଟ ରହିବାକୁ କୁହାଯାଇଛି। ଛତ୍ରପୁର ଅଗ୍ନିଶମ କେନ୍ଦ୍ରରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଫାୟାର ଅଫିସର ବିଶ୍ୱନାଥ ମହାନ୍ତି ସୂଚନା ଦେଇଛନ୍ତି।

## ମହିଳାଙ୍କ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଭଞ୍ଜନଗର,୨୦।୫(ଡି.ଏନ.ଏ)**

ଭଞ୍ଜନଗର ସହର ଆର୍‌ସି ରୋଡ଼ର ଏକ କୂଅରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଗୁରୁବାର ଜବତ କରାଯାଇଛି। ସେ ହେଲେ ମନୁ ସେଠୀ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ମନୁଙ୍କ ବାରିରେ ଥିବା କୂଅରୁ ସକାଳେ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଭଞ୍ଜନଗର ଦମକଳ ବାହିନୀ ସହାୟତାରେ ସନ୍ଧ୍ୟାରେ କୂଅରୁ ମନୁଙ୍କ ଗଳିତ ମୃତଦେହକୁ ବାହାର କରିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି କୂଅରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ମନୁ ଓ ତାଙ୍କ ପୁଅ ଘରେ ରହୁଥିଲେ। ହେଲେ ପୁଅ ଘରେ ନାହାନ୍ତି। ତାଙ୍କୁ ପୋଲିସ ଠାବ କରିବା ପରେ ତଦନ୍ତରେ ଅଗ୍ରଗତି ଘଟିବା ଆଶା କରାଯାଉଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏଏସ୍‌ପି ବିଜୟ କୁମାର ମଲ୍ଲିକ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ସୁଦୀପ୍ତ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛନ୍ତି।

## ବେଆଇନ କ୍ଲିନିକ୍ ସିଲ କଲା ପ୍ରଶାସନ


କ୍ଲିନିକ୍‌କୁ ପ୍ରଶାସନ ସିଲ୍ କରୁଛି।

**ଦାରିଙ୍ଗବାଡ଼ି,୨୦।୫(ଡି.ଏନ.ଏ)**

ଦାରିଙ୍ଗବାଡ଼ିରେ ବେଆଇନ ଭାବେ ଚାଲିଥିବା ଏକ କ୍ଲିନିକକୁ ସ୍ଥାନୀୟ ପ୍ରଶାସନ ଗୁରୁବାର ସିଲ କରିଛି। ସେଠାରୁ ବହୁ ପରିମାଣର ଔଷଧ ଓ କିଛି କାଗଜପତ୍ର ଜବତ କରାଯାଇଛି। କାଗଜପତ୍ରର ଅଧିକ ତଦନ୍ତ ଚାଲିଥିବା ତହସିଲଦାର କଳାକୃଷ୍ଣ ପ୍ରଧାନ, ଆଇଆଇସି କୌଶିକ ମାଝି ପ୍ରକାଶ କରିଛନ୍ତି। ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର ୨ଶହ ମିଟର ଦୂରରେ ଏହି କ୍ଲିନିକ୍ ଚାଲିଥିଲା। ଏହାକୁ ପଶ୍ଚିମବଙ୍ଗର କ୍ୱାକ୍ ପି.କେ. ସମାଜପତି ଚଳାଉଥିଲେ ବୋଲି ରାଜସ୍ୱ ନିରୀକ୍ଷକ କେଦାର ପ୍ରସାଦ ସାହୁ କହିଛନ୍ତି। କ୍ଲିନିକଟି ପଞ୍ଚାୟତର ଏକ ଭଡ଼ା ଘରେ ଖୋଲାଯାଇଥିଲା। ଏ ତହସିଲଦାରଙ୍କୁ ଅଭିଯୋଗ ଆସିବା ପରେ ସ୍ଥାନୀୟ ଆଇଆଇସି ମାଝି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା. ଜାକେଶ ସାମନ୍ତରାୟ, ରାଜସ୍ୱ ନିରୀକ୍ଷକ କେଦାର ପ୍ରସାଦ ସାହୁ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଉମାଶଙ୍କର ଖଣ୍ଡଗିରି ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। ବେଆଇନ କ୍ଲିନିକ୍ ପାଇଁ ପଞ୍ଚାୟତ ଦୋକାନ ଗୃହକୁ କିଏ ଭଡ଼ା ଦେଇଛି ତାହାର ଖୋଳାତାଡ଼ ଚାଲିଛି।

# ଗଜପତିରେ ୮୬ ପଜିଟିଭ

**ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.)**

ଗଜପତି ଜିଲାରେ ପୁଣି ୮୬ ଜଣ କରେନା ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୭୩୬୬ରେ ପହଞ୍ଚିଛି। ବୁଧବାର ଜିଲାରେ ୯୮୮ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ପଜିଟିଭ ଚିହ୍ନଟ ୮୬ ଜଣଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରରୁ ସର୍ବାଧିକ ୨୬ ଜଣ, ଗୋଷାଣୀ ବ୍ଲକରୁ ୧୩, ଗୁମ୍ମାରୁ ୨, କାଶୀନଗରରୁ ୯,ରାୟଗଡରୁ ୮, ନୂଆଗଡରୁ ୬ , ଆର୍. ଉଦୟଗିରିରୁ ୩, ମୋହନାର ୧୭ ଓ ଅନ୍ୟ ସ୍ଥାନରୁ ୨ ଜଣ ରହିଥିବା ସୂଚନା ମିଳିଛି। କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜରୁରୀ ନ ଥିଲେ ଘରୁ ବାହାରନ୍ତୁ ନାହିଁ ବୋଲି ଜିଲାପାଳ ଅନୁପମ ସାହା ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ସହରର ସମସ୍ତ ନାକା ପଏଣ୍ଟରେ ଚେକିଂ କଡାକଡି କରାଯାଉଛି। ଜିଲାପାଳ,ଏସ୍‌ପି ଓ ପାରଳା ଥାନା ପୋଲିସର ସମସ୍ତ କର୍ମଚାରୀ ଏହାକୁ ତଦାରଖ କରୁଛନ୍ତି। ମେଡିକାଲ ଟିମ ନାକା ପଏଣ୍ଟରେ ରହି ବାହାରୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ଡଙ୍ଗାରେ ଆସିଲେ ରୋଗୀ

**ପାତ୍ରପୁର,୨୦।୫(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ବାଘଲଟି ଜଳଭଣ୍ଡାର ଆରପାରିରେ ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମ ସହ ଗଜପତି ଜିଲାର କେତେକ ଗ୍ରାମ ରହିଛି। ଗୁରୁବାର ଗଜପତି ଜିଲା କୁମୁରୁଙ୍ଗି ଆଦିବାସୀ ଗ୍ରାମର ପୁରୁଷୋତ୍ତମ କାର୍ଯ୍ୟୀଙ୍କ ସ୍ତ୍ରୀ ଉମା ଓ ୨ ବର୍ଷର ପୁଅର ସ୍ୱାସ୍ଥ୍ୟଗତ ଅସୁବିଧା ଦେଇଥିଲା। ସେମାନଙ୍କୁ ଡଙ୍ଗାରେ ବାଘଲଟି ଜଳଭଣ୍ଡାର ପାର କରି ଦିଗପହଣ୍ଡି ବ୍ଲକ ଭ୍ରମରପୁର ମେଡିକାଲକୁ ଅଣାଯାଇଥିଲା। ପରେ ସେମାନେ ଔଷଧ ଧରି ଗ୍ରାମକୁ ଫେରିଥିଲେ।

## କନଷ୍ଟେବଲଙ୍କୁ ଆକ୍ରମଣ, ୨ ଗିରଫ

**ଖଲ୍ଲିକୋଟ,୨୦।୫(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମ ଆମ୍ବତୋଟା ନିକଟରେ ଗୁରୁବାର ସନ୍ଧ୍ୟାରେ ୭ରୁ ଅଧିକ ଯୁବକ ୪ ଜଣ ଅବକାରୀ କନଷ୍ଟେବଲଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଜଣେ କନଷ୍ଟେବଲ ଆହତ ହୋଇଛନ୍ତି। ଏହି ଘଟଣାରେ ଖଲ୍ଲିକୋଟ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ କାର୍‌କୁ ଜବତ କରାଯାଇଛି। ପ୍ରକାଶ ଯେ, ସାଦା ପୋଷାକରେ ଥିବା କନଷ୍ଟେବଲମାନେ ଚୋରା ମଦ କାରବାର ଉପରେ ଚଢ଼ାଉ କରିବାକୁ ବାଇକ୍‌ରେ ଯାଉଥିଲେ। ଅବକାରୀ ଅଫିସର ଏବଂ କର୍ମଚାରୀ ବୋଲେରୋରେ ଯାଉଥିଲେ। ଚିକିଲି ନିକଟରେ ଏକ କାରରେ ୫ ଯୁବକ ଆସି କନଷ୍ଟେବଲମାନଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେମାନଙ୍କ ମୋବାଇଲ ଫୋନ ଓ ପରିଚୟ ପତ୍ର ଛଡାଇ ନେଇଥିଲେ। ପଛରେ ଆସୁଥିବା ଅବକାରୀ ଷ୍ଟାଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରି ଥାନା ଜିମା ଦେଇଥିଲେ।

## ଶ୍ମଶାନରୁ ଦରପୋଡ଼ା ମୃତଦେହ ଜବତ

### ଯୌତୁକଜନିତ ହତ୍ୟା ଅଭିଯୋଗ: ସ୍ୱାମୀ ଫେରାର୍, ୫ ଅଟକ

**ଆସିକା,୨୦।୫(ଡି.ଏନ.ଏ.)**

ଗାଙ୍ଗପୁର ଥାନା ଅନ୍ତର୍ଗତ ଖାରିଗୁଡା ଗ୍ରାମ ଶ୍ମଶାନରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ଦରପୋଡ଼ା ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ପିଣ୍ଟୁ ଗୌଡଙ୍କ ସ୍ତ୍ରୀ ଶିବାନୀ। ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲ ଏଫଏମଟି ବିଭାଗକୁ ପଠାଯାଇଛି। ଏହା ଯୌତୁକଜନିତ ହତ୍ୟା ବୋଲି ଶିବାନୀଙ୍କ ବାପା ମକରାପଲ୍ଲୀ ଗ୍ରାମର ସତ୍ୟନାରାୟଣ ଗୌଡ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୦୬/୨୧ରେ ଏକ ମାମଲା ରୁଜୁ କରିଛି। ଏହି ମାଲାରେ ଶିବାନୀଙ୍କ ସ୍ୱାମୀ ଫେରାର ଥିବାବେଳେ ଅନ୍ୟ ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି। ଏ ଗତବର୍ଷ ଜୁଲାଇରେ ମକରାପଲ୍ଲୀ ଶିବାନୀଙ୍କର ପିଣ୍ଟୁଙ୍କ ସହ ବୈଦିକ ନିତିନିୟମ ମୁତାବକ ଜାନିଯୌତୁକ ଦେଇ ବିବାହ ହୋଇଥିଲା। ବିବାହ ପରେ ରିତିମତ ଅଧିକ ଯୌତୁକ ଲାଗି ଶିବାନୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଗତ ୧୫ ଦିନ ତଳେ ବାପା ପ୍ରାୟ ୩ ଲକ୍ଷ ଟଙ୍କାର ସମସ୍ତ ଘରକରଣା ଜିନିଷ ଶିବାନୀଙ୍କ ଶାଶୁ ଘରକୁ ଆଣିଥିଲେ। ଆଉ ଅଧିକ ଯୌତୁକ ପାଇଁ ବୁଧବାର ରାତିରେ ଶିବାନୀଙ୍କୁ ଶାଶୁଘର ଲୋକେ ମାରିଦେଇ କୂଅରେ ପକାଇଥିଲେ। ଶିବାନୀ କୂଅରେ ପଡିଯାଇଥିବା ନେଇ କୁହାଯାଇଥିଲା। ଗୁରୁବାର ଭୋରରେ ମୃତଦେହକୁ କୂଅରୁ ଉଦ୍ଧାର କରି ଗ୍ରାମ ଶ୍ମଶାନରେ ସତ୍କାର କରାଯାଉ ଥିଲା। ଏହି ଖବର ପାଇ ଶିବାନୀଙ୍କ ମା, ବାପା ସଖାରିଗୁଡ଼ା ଗ୍ରାମରେ ପହଞ୍ଚି ସ୍ଥିତି ଜାଣିବା ପରେ ପୋଲିସରେ ଅଭିଯୋଗ କରିଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ, ଭେଣ୍ଟିଲେଟର ସ୍ଥାପନ ଦାବି

**ଫୁଲବାଣୀ ଅଫିସ, ୨୦।୫**


ଆସୋସିଏଶନ କର୍ମକର୍ତ୍ତା।

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏ ପର୍ଯ୍ୟନ୍ତ ରୋଗୀଙ୍କ ପାଇଁ ଆଇସିୟୁ ଏବଂ ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇନାହିଁ। ତେଣୁ ଜଣେ ରୋଗୀ ସାମାନ୍ୟ ଗୁରୁତର ହେଲେ ତାଙ୍କୁ ବ୍ରହ୍ମପୁର ରେଫର କରାଯାଏ। ଜିଲା ମୁଖ୍ୟ ଚିକିତ୍ସାଳୟରେ ତୁରନ୍ତ ଭେଣ୍ଟିଲେଟର ଏବଂ ଆଇସିୟୁର ବ୍ୟବସ୍ଥା କରିବାକୁ ଜିଲା ଫ୍ରଣ୍ଟଲାଇନ ମିଡିଆ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବି ସମ୍ପର୍କରେ କନ୍ଧମାଳ ଏମ୍‌ପି ଏବଂ ଜିଲାପାଳଙ୍କୁ ମଧ ଅବଗତ କରାଯାଇଛି। ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଏବଂ ଚିକିତ୍ସାଧିକାରୀ ଡା.ରାଜ୍ୟଶ୍ରୀ ପଟ୍ଟନାୟକ ପ୍ରତ୍ୟକ୍ଷ ଭାବେ ସ୍ୱାସ୍ଥ୍ୟବିଭାଗ ସହ ଆଲୋଚନା କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାହା ସୁବିଧା କରାଯାଇ ପାରିବ ତାହା ଶୀଘ୍ର କରିବାକୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ରେଫେରାଲ ହସ୍ପିଟାଲ। ଏହା ଉପରେ କେବଳ କନ୍ଧମାଳ ନୁହେଁ ନୟାଗଡ, ବୌଦ୍ଧ, ସୋନପୁର ଜିଲାର ଲୋକେ ନିର୍ଭର କରୁଛନ୍ତି। ହେଲେ ଏଠାରେ ଆଇସିୟୁ, ଭେଣ୍ଟିଲେଟର ବ୍ୟବସ୍ଥା ହୋଇପାରିଲା ନାହିଁ। ଏଥିପାଇଁ ପ୍ରସ୍ତାବ ଥିଲେ ମଧ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏବେ କୋଭିଡ୍ ପରିସ୍ଥିତିରେ ଅନେକ ରୋଗୀ ଆସୁଛନ୍ତି, ଯେଉଁମାନଙ୍କର କୌଣସି ଲକ୍ଷଣ ନାହିଁ। ଅନ୍ୟ ଜଟିଳତା ରହିଥିବାରୁ ସେମାନଙ୍କୁ ଆଇସିୟୁରେ ରହିବା ଆବଶ୍ୟକତା ରହିଛି। ଏହାକୁ ନଜର ରଖି ସରକାର ତୁରନ୍ତ ଦାବି ପୂରଣ କରନ୍ତୁ ବୋଲି ଆସୋସିଏଶନ ଉପଦେଷ୍ଟା ସଦାଶିବ ପାତ୍ର, ଅଜିତ କୁମାର ମହାରଣା, ସୁନୀଲ ପଟ୍ଟନାୟକ, ସଭାପତି ସୁଜିତ ବେହେରା, ସମ୍ପାଦକ ତ୍ରିନାଥ ସାହୁ, କାର୍ଯ୍ୟକାରୀ ସଭାପତି ବ୍ରଜବିହାରୀ ନନ୍ଦ, ଉପ ସଭାପତି ଅଶୋକ ମହାନ୍ତି, କୋଷାଧ୍ୟକ୍ଷ ସୁନୀଲ ବିଶ୍ୱାଳ, ପ୍ରଶାନ୍ତ ଜେନା, ହିମାଂଶୁ ଶେଖର ବେହେରା, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି।